
# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 05, DATE : 01.03.2025 - 15.03.2025 FORTNIGHTLY (ODIA), BHUBANESWAR. PAGES-08



ସର୍ବହରାର ମହାନନେତା
ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ
ବିଜ୍ଞାନର ପ୍ରଣେତା କାର୍ଲ
ମାର୍କ୍ସଙ୍କ ମୃତ୍ୟୁ ଦିବସ
ଉପଲକ୍ଷେ

**ଗଭୀର ଶ୍ରଦ୍ଧାଞ୍ଜଳି।**

*ଜନ୍ମ- ୫ ମଇ ୧୮୧୮*
*ମୃତ୍ୟୁ- ୧୪ ମାର୍ଚ୍ଚ ୧୮୮୩*

ସର୍ବହରାର ମହାନନେତା
କମ୍ରେଡ୍ ଷ୍ଟାଲିନ୍‌ଙ୍କ
ମୃତ୍ୟୁ ଦିବସ ଉପଲକ୍ଷେ

**ଗଭୀର ଶ୍ରଦ୍ଧାଞ୍ଜଳି।**

*ଜନ୍ମ-୧୮ ଡିସେମ୍ବର ୧୮୭୮*
*ମୃତ୍ୟୁ-୫ ମାର୍ଚ୍ଚ ୧୯୫୩*



# କେନ୍ଦ୍ରୀୟ ବଜେଟ୍ ୨୦୨୫ - ଫମ୍ପା ବାଗାଡମ୍ବରର ଛଦ୍ମ ଆବରଣରେ ଚିରାଚରିତ ପ୍ରତାରଣାପୂର୍ଣ୍ଣ ଦଲିଲ

**ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏହାର ୧୧ ତମ ବାର୍ଷିକ ବଜେଟ୍ ଫେବୃଆରୀ ୨୮ ତାରିଖରେ ସଂସଦରେ ଉପସ୍ଥାପନ କରିଛି। ଏହି ବଜେଟରେ ହିସାବ ପତ୍ରରେ ଜାଲିଆତି, ଫମ୍ପା ବାଗାଡମ୍ବର୍ ଏବଂ ୨୦୪୭ ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହେବାର ସ୍ୱପ୍ନ ବିକ୍ରୀକରି ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିବାପାଇଁ ସରକାର ପୁଣି ଥରେ ଉଦ୍ୟମ କରିଛନ୍ତି।ତେବେ ରକେଟ ଗତିରେ ବଢ଼ିଚାଲିଥିବା ଦରଦାମ୍ ଉପରେ ଲଗାମ ଦେବା, ଉତ୍କଟ ବେକାରୀ ଦୂର କରିବା, ଫସଲର ଉପଯୁକ୍ତ ଦର ନପାଇ ହାହାକାର କରୁଥିବା ଚାଷୀର ଦାବି ପୂରଣ କରି ସ୍ୱାମୀନାଥନ୍ କମିଶନ ସୁପାରିଶ ଆଧାରରେ ଫସଲର ଏମଏସପି ଧାର୍ଯ୍ୟ କରିବା ଏବଂ ଏମଏସପି କୁ ଆଇନ ସମ୍ମତ କରିବାପାଇଁ କଣ ଏହି ବଜେଟରେ କୌଣସି ବ୍ୟବସ୍ଥା ରହିଛି ? ଦେଶର ସମସ୍ତ ନାଗରିକଙ୍କୁ ବିନା ଦେୟରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବଜେଟରେ କୌଣସି ପ୍ରସ୍ତାବ ଅଛି କି? ନା, ଏସବୁର ନାମ ଗନ୍ଧ ବଜେଟରେ ଦେଖିବାକୁ ମିଳିନାହିଁ। ତେବେ ବଜେଟ୍ ନାମରେ ଏପରି କଣ ସଂସଦରେ ଉପସ୍ଥାପିତ ହେଲା ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଶାସକ ଦଳର ସଦସ୍ୟମାନେ ନିଜ ନିଜର ଟେବୁଲ ବାଡେଇ ସ୍ୱାଗତ କରୁଥିଲେ? କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବଜେଟ ଭାଷଣରେ ବିକାଶିତ ଭାରତ, ଦାରିଦ୍ର୍ୟ ଦୂରୀକରଣ, ସଧାରଣ ଘରର ପିଲାଙ୍କ ପାଇଁ ଗୁଣାତ୍ମକ ସ୍କୁଲ ଶିକ୍ଷା, ସୁଲଭ ଏବଂ ବ୍ୟାପକ ସ୍ୱାସ୍ଥ୍ୟସେବା, ଅର୍ଥପୂର୍ଣ୍ଣ ନିଯୁକ୍ତି ସହିତ ଶତ ପ୍ରତିଶତ ଯୁବକ ଯୁବତୀଙ୍କୁ ବିଭିନ୍ନ ବୃତ୍ତିରେ ଦକ୍ଷ (Skilled) କରିବା, ମହିଳା ମାନଙ୍କୁ ଅଧିକରୁ ଅଧିକ ସ୍ୱରୋଜଗାରକ୍ଷମ କରିବା, ଏବଂ କୃଷକମାନଙ୍କ ଦୁଃଖ ଦୂର କରିବା କଥା ବାରମ୍ବାର ଆକର୍ଷଣୀୟ ଭଙ୍ଗୀରେ ଉପସ୍ଥାପନ କରାଯାଉଥିଲା। କିନ୍ତୁ ହାୟ! ଏସବୁ କେବଳ ବଜେଟ ପୁସ୍ତକର ଚକଚକିଆ ମଲାଟ। ବହି ଭିତରେ ରହିଛି ସଂପୂର୍ଣ୍ଣ ଭିନ୍ନ ଓ ଅତ୍ୟନ୍ତ ମାରାତ୍ମକ ଯୋଜନା । ଆସନ୍ତୁ ଏହି ବଜେଟ ଉପରେ ଟିକେ ନଜର ପକେଇବା।**

### ସରକାରୀ ଖର୍ଚ୍ଚ ହ୍ରାସ, ବଢ଼ି ଚାଲିଥିବା ସରକାରୀ ଋଣ, ବୃଦ୍ଧି ପାଉଥିବା କର୍ପୋରେଟ୍ ଲାଭ ଏବଂ ମୁଦ୍ରାସ୍ଫୀତି

ପ୍ରଥମେ ଦେଖାଯାଉ ଏହି ବଜେଟରେ ମୋଟ ସରକାରୀ ଖର୍ଚ୍ଚରେ କୌଣସି ବୃଦ୍ଧି ହୋଇଛି କି ନାହିଁ। ପୂର୍ବ ବର୍ଷ ତୁଳନାରେ ମୋଟ ସରକାରୀ ବ୍ୟୟ ବରାଦ ୧,୦୪,୦୨୫ କୋଟି ଟଙ୍କା ହ୍ରାସ ପାଇଛି, ପୁଞ୍ଜି ଖର୍ଚ୍ଚ(Capital Expenditure) ୯୨,୬୮୨ କୋଟି ଟଙ୍କା ହ୍ରାସ ପାଇଛି। ଭିତ୍ତିଭୂମି ବିକାଶ ପାଇଁ ଆବଣ୍ଟନ ୧୧.୨୧ ଲକ୍ଷ କୋଟି ଟଙ୍କା ହୋଇଛି। କିନ୍ତୁ ବିତ୍ତ ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିବ ନାହିଁ ଏବଂ ଏହି କ୍ଷେତ୍ରରେ ବ୍ୟୟ ୧୦.୧୮ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ପ୍ରତିବର୍ଷ, ସରକାର ବଜେଟ ନିଅଣ୍ଟ ଭରଣା ପାଇଁ ବିପୁଳ ପରିମାଣର ଋଣ କରନ୍ତି। ଚଳିତ ବଜେଟ ରେ ଅର୍ଥମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି, ମୋଟ ଋଣ ପରିମାଣ ୧୪.୮୨ ଲକ୍ଷ କୋଟି ଟଙ୍କା ହୋଇପାରେ । ପ୍ରକୃତରେ, ବିଜେପି ଶାସନର ଗତ ୧୦ ବର୍ଷ ମଧ୍ୟରେ, ଭାରତ ସରକାର ପ୍ରତି ସେକେଣ୍ଡରେ ହାରାହାରି ୪ ଲକ୍ଷ ଟଙ୍କା ଲେଖାଏଁ ଋଣ କରୁଚି। ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା, ଭାରତର ଜାତୀୟ ଋଣ ପରିମାଣ ୨,୧୪୪.୬ ବିଲିୟନ ଡଲାର (୧,୮୬,୫୮,୦୨୦ କୋଟି ଟଙ୍କା) ଥିଲା, ଯାହା ଦେଶର ଇତିହାସରେ ସର୍ବାଧିକ। ଏହି ବିପୁଳ ପରିମାଣର ଋଣ ଯୋଗୁଁ, ଏହାର ସୁଧ ବାବଦ ସରକାରଙ୍କ ମୋଟ ଖର୍ଚ୍ଚର ଶତକଡ଼ା ୨୫ ଭାଗ ଏବଂ ମୋଟ ରାଜସ୍ୱ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

# ମୋଦି-ଟ୍ରମ୍ପ ସାକ୍ଷାତରୁ ଭାରତର ସାଧାରଣ ଲୋକ ପାଇଲେ କ'ଣ ?

ବିଜେପି-ଆରଏସ୍‌ଏସ୍ ବାହିନୀ ଏବଂ ମୋଦି ସରକାରଙ୍କ ଅନୁଗତ ଗଣମାଧ୍ୟମଦ୍ୱାରା ପ୍ରଚାର କରି କରି ସମଗ୍ର ଦେଶରେ ଗୋଟିଏ ହାୱା ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି, ସତେ ଯେଭଳି ମୋଦଙ୍କ ନେତୃତ୍ୱରେ ଭାରତ ସରକାର ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ର ସହିତ କୂଟନୈତିକ ଓ ବାଣିଜ୍ୟିକ କ୍ଷେତ୍ରରେ ସମାସ୍କନ୍ଧ ଭାବରେ ଆଳାପ ଆଲୋଚନା କରିପାରିବ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦକ୍ଷତା ଓ ବ୍ୟକ୍ତିତ୍ୱ ଯୋଗୁ ବିଶ୍ୱର ଅଗ୍ରଣୀ ନେତାରେ ପରିଣତ ହୋଇଛନ୍ତି ଏବଂ ଏଥିପାଇଁ ତାଙ୍କୁ ରାଷ୍ଟ୍ରପତି ଟ୍ରମ୍ପ ବନ୍ଧୁ ବୋଲି ସମ୍ବୋଧନ କରୁଛନ୍ତି। ଏହା ମିଥ୍ୟା ବୋଲି କେନ୍ଦ୍ର ସରକାର ସ୍ୱୀକାର କରିଥିଲେ ମଧ୍ୟ ମୋଦିଙ୍କୁ ମହାମାନବରେ ପରିଣତ କରିବାପାଇଁ କେତେକ ବିଜେପି ନେତା ଓ ଗଣମାଧ୍ୟମରେ ଏକାଂଶ ମୋଦି ଫୋନକରି ଋଷିଆ ୟୁକ୍ରେନ ଯୁଦ୍ଧ ଘଣ୍ଟାଏ ପାଇଁ ବନ୍ଦ କରିଦେଲେ ବୋଲି ଏବେବି ପ୍ରଚାର କରୁଛନ୍ତି। ଏହାଫଳରେ ମୋଦିଙ୍କ ନେତୃତ୍ୱରେ ଭାରତ ଆମେରିକା ସହିତ ନିଜସ୍ୱାର୍ଥରେ ଅତ୍ୟନ୍ତ ଫଳପ୍ରଦ ଭାବରେ ମୂଳଚାଲ କରିପାରିବ ବୋଲି ଦେଶର ଲୋକଙ୍କ ମଧ୍ୟରେ ଏକପ୍ରକାର ଧାରଣା ସୃଷ୍ଟି କରାଯାଇଥିଲା। ମାତ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସଂପ୍ରତି ୱାସିଂଟନଠାରେ ଅନୁଷ୍ଠିତ ବୈଠକ ଏହି ଧରଣର ପ୍ରଚାର ଓ ଅବଧାରଣାକୁ ମିଥ୍ୟା ପ୍ରମାଣିତ କରିଛି।

ଟ୍ରମ୍ପଙ୍କ ସହିତ ମୋଦିଙ୍କର ବୈଠକ ପ୍ରମାଣିତ କଲା ଯେ, ଭାରତ ସହିତ ଆମେରିକାର ସଂପର୍କ ବାସ୍ତବରେ ଗୋଟିଏ ପ୍ରବଳ ଶକ୍ତିଶାଳୀ ରାଷ୍ଟ୍ର ସହିତ ଅପେକ୍ଷାକୃତ ଦୁର୍ବଳ ଅନ୍ୟ ଏକ ରାଷ୍ଟ୍ର ସହିତ ଯେଭଳି ବ୍ୟବସାୟିକ ସଂପର୍କ ରଖିଥାଏ ଠିକ ସେହିଭଳି। ମୋଦିଙ୍କ ସହିତ ଟ୍ରମ୍ପଙ୍କ ସଂପର୍କ ମଧ୍ୟ ଆଦୌ ବନ୍ଧୁତ୍ୱପୂର୍ଣ୍ଣ ନୁହେଁ। ସବୁଠାରୁ ଶକ୍ତିଶାଳୀ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କର ସଂପର୍କ ଯେଉଁଭଳି ହେବା ସ୍ୱାଭାବିକ ମୋଦି ଟ୍ରମ୍ପଙ୍କ ସଂପର୍କ ମଧ୍ୟ ଠିକ ସେହିଭଳି। ଦୁଇଦେଶର ଶିଳ୍ପପତି-ଧନକୁବେର ଗୋଷ୍ଠିର ରାଜନୈତିକ ମ୍ୟାନେଜର ହିସାବରେ ଉଭୟ ଦେଶର ସାମ୍ରାଜ୍ୟବାଦୀ ପୁଞ୍ଜିର ସ୍ୱାର୍ଥରକ୍ଷା ପାଇଁ ଉଦ୍ୟମ କରିଛନ୍ତି। ଉଲ୍ଲେଖକରିବା ବାହୁଲ୍ୟ, ସେହି ଉଦ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ନିଜେ ମୋଦି ଓ ତାଙ୍କର ସମର୍ଥକମାନେ ତାଙ୍କ ୫୬ ଇଂଚ ଚଉଡା ଛାତି ପାଇଁ ଯେତେ ଗର୍ବ କରୁନ୍ତୁନା କାହିଁକି, ଟ୍ରମ୍ପଙ୍କ ନିକଟରେ ବସିଥିଲାବେଳେ ଏହାର ସାମାନ୍ୟ ସୂଚନା ମଧ୍ୟ ମିଳିଲା ନାହିଁ।

ମୋଦିଙ୍କୁ ପାଖରେ ବସାଇ ଟ୍ରମ୍ପ ଯେଭଳି ଭାବରେ ଏକତରଫା ଆମେରିକାର ସ୍ୱାର୍ଥରେ ଗୋଟିଏ ପରେ ଗୋଟିଏ ସର୍ତ୍ତ ଭାରତ ଉପରେ ଲଦି ଦେଲେ ଏବଂ କାକୁସ୍ଥ ଭାବରେ ସେଠାରେ ବସି ମୋଦି ସେସବୁକୁ ବିନା ପ୍ରତିବାଦରେ ଗ୍ରହଣକଲେ ତାକୁ ଦେଖି ମୋଦିଙ୍କୁ ଜଣେ ଅତ୍ୟନ୍ତ ଅନୁଗତ ବ୍ୟକ୍ତି ବ୍ୟତୀତ ଆଉକିଛି ମନେ ହେଉନଥିଲା। ମାତ୍ର ଠିକ୍ ସେହି ପରିସ୍ଥିତିରେ ଗତ ୩ବର୍ଷ ଧରି ଋଷିଆର ଆକ୍ରମଣର ମୁକାବିଲା

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

**ଭିତର ପୃଷ୍ଠାରେ**

- ★ ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତିର ବହୁ ଅପରାଧୀକ ଅକୁହା କଥାର ଗୁମର ଫିଟାଇଛି
- ★ ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଆଲୋଚନା ଓ ଧାରଣା
- ★ ମାର୍ଥାପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ଦାବିରେ ଲଗାତର ଆନ୍ଦୋଳନ

## କିଟ ଘଟଣା

# ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତିର ବହୁ ଅପରାଧୀକ ଅକୁହା କଥାର ଗୁମର ଫିଟାଇଛି

ଅନେକ ସ୍ୱପ୍ନ ନେଇ ଛାତ୍ରୀଟି ପଢିବାକୁ ଆସିଥିଲା । ସୁଦୂର ନେପାଳରୁ ଓଡିଶା, ଏକ ବିଶ୍ୱସ୍ତରୀୟ ଘରୋଇ ବିଶ୍ୱବିଦ୍ୟାଳୟକୁ। ପୁଣି ଏକା ନୁହେଁ, ସଂପର୍କୀୟ ଦୁଇ ଭାଇଙ୍କ ସହିତ। ଏହି ବିଶ୍ୱବିଦ୍ୟାଳୟର ବିଦେଶୀ ଛାତ୍ର ସଂଗ୍ରହ ଅଭିଯାନର କାଠମାଣ୍ଡୁର ଏକ ସମାରୋହରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଦେଇଥିବା ବକ୍ତବ୍ୟରେ ଖୁବ ଆକର୍ଷିତ ହୋଇଥିଲେ ଛାତ୍ରୀଙ୍କର ପିତା। ବକ୍ତବ୍ୟ ତ ନୁହେଁ, ତାଙ୍କ କଥାରେ ସେ ଥିଲା ଯେମିତି ସନ୍ୟାସୀର ପ୍ରବଚନ। ସେହି ସମ୍ମୋହନୀ ବକ୍ତବ୍ୟରେ ସେ ପ୍ରଲୋଭିତ ହୋଇଯାଇଥିଲେ, ନିଜର ମେଧାବୀ କନ୍ୟାର ସୁନେଲି ସ୍ୱପ୍ନ ଦେଖି ପାରିଥିଲେ। ଆଉ ସେହି ସ୍ୱପ୍ନବିଭୋର ପିତା ନିଜର ୧୯ବର୍ଷର କନ୍ୟାକୁ ପଠାଇଥିଲେ ଏହି ବହୁ ପ୍ରଚାରିତ ଘରୋଇ ବିଶ୍ୱବିଦ୍ୟାଳୟକୁ। ସେଥିପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରିବାକୁ ବି ପଛାଇ ନଥିଲେ। ବୋଧହୁଏ ଗର୍ବ କରି ସଂପର୍କୀୟମାନଙ୍କୁ କହୁଥିବେ, ଝିଅ ତାଙ୍କର ଇନ୍ଦ୍ରପୁରରେ ଅଛି। ସେ ନିଶ୍ଚିନ୍ତ। ଏତେ ଶୀଘ୍ର ସେ ସ୍ୱପ୍ନ ତାଙ୍କର ଭାଙ୍ଗିଯିବ, ତା' ବୋଧହୁଏ ସେ ଦୁଃସ୍ୱପ୍ନରେ ମଧ୍ୟ କଳ୍ପନା କରିନଥିବେ। ଗତ ଫେବୃୟାରୀ ୧୮ତାରିଖ ଦିନ କନ୍ୟାର ମୃତ ଶରୀର ନେଇ ନିଜ ଦେଶ ନେପାଳ ଫେରିଯିବା ବେଳେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି, "ମୋ ଝିଅ ଖୁବ ମେଧାବୀ ଛାତ୍ରୀ ଥିଲା। ସ୍ୱପ୍ନ ଦେଖୁଥିଲା ଇଞ୍ଜିନିୟର ହେବ। ତା'ର ସେହି ସୁନ୍ଦର ସ୍ୱପ୍ନକୁ ସାକାର କରିବା ପାଇଁ ଏତେବଡ ଏକ ଘରୋଇ ବିଶ୍ୱବିଦ୍ୟାଳୟକୁ ପାଠ ପଢିବାକୁ ପଠାଇଥିଲି। ଏଭଳି ଯେ ହେବ କେବେ ଭାବି ପାରିନଥିଲି। ତା' ପ୍ରତି ଯା' ହେଲା, ଅନ୍ୟକୌଣସି ଝିଅ ପ୍ରତି ଯେମିତି ତା' ନ ହେଉ।" ସମସ୍ତେ ବୁଝିପାରୁଥିବେ, କେଉଁ ବିଶ୍ୱବିଦ୍ୟାଳୟର କଥା କୁହାଯାଉଛି। ଆମ ରାଜ୍ୟରେ ଥିବା ଓ ଆମର ଗର୍ବ ଗୌରବ ବୋଲି କଣ୍ଠ ଫଟେଇ କୁହାଯାଉଥିବା ଡିମ୍ଡ ବିଶ୍ୱବିଦ୍ୟାଳୟ 'କିଟ', ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କଥା। ସ୍ୱୟଂ ପ୍ରତିଷ୍ଠାତା ହିଁ କୁହନ୍ତି ତାଙ୍କ ଗୌରବ ଗାଥା। ସେ ଜାତୀୟ ସ୍ତରର ନୁହଁନ୍ତି, ଜଣେ ଆନ୍ତର୍ଜାତିକ ସ୍ତରର ଖେଳାଡି, ଆନ୍ତର୍ଜାତିକ ଫିଲଡ୍‌ରେ ଖେଳନ୍ତି। ହଁ ସତକଥା, ଏ ଖେଳ କ୍ରିକେଟ ବା ଫୁଟବଲ ନୁହେଁ, ଶିକ୍ଷା ବେପାରର ଖେଳ। ସେ ନିଜେ ବୋଧେ ଅନ୍ୟଭାଷାରେ କହୁଛନ୍ତି ସେ ଜଣେ ଆନ୍ତର୍ଜାତିକ ଶିକ୍ଷା ବ୍ୟବସାୟୀ। ପୁଣି କୁହନ୍ତି, ସେ ହିମାଳୟ ସଦୃଶ ବିଶ୍ୱବିଦ୍ୟାଳୟ ଗଢିଛନ୍ତି, ହିମାଳୟ ପ୍ରମାଣ ସମସ୍ୟାକୁ ବି ଅନାୟସରେ ମୁକାବିଲା କରିପାରନ୍ତି। ସେ ବିଶ୍ୱର ଜଣେ ଅଦ୍ୱିତୀୟ ଏଣ୍ଟର ପ୍ରାଇଜର। ଏହା ବି ସତକଥା। ଅତୀତର ବହୁ କେଳେଙ୍କାରୀ, ଦୁର୍ନୀତି, ଅଭିଯୋଗକୁ ସେ ଅନାୟସରେ ଦୂର କରିଦେଇ ପାରିଛନ୍ତି। କାରଣ ସରକାରଠାରୁ ପ୍ରଶାସନ, ଗୋଟିଏ କଥାରେ ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତିର ପ୍ରୋତ୍ସାହନକାରୀ ସମଗ୍ର ରାଷ୍ଟ୍ର ଶକ୍ତି ଯେ ତାଙ୍କ ପଛରେ। ନେପାଳ ଭଳି କ୍ଷୁଦ୍ର କମ ଜିଡିପିର ଦରିଦ୍ର ଦେଶ ନୁହେଁ, ବହୁ ଧନୀ ଦେଶର ଏମ୍‌ପି ମାନେ କାଳେ ତାଙ୍କ ପାଦ ଛୁଇଁ ପ୍ରଣାମ କରନ୍ତି। ଆଉ ସେ ଆନନ୍ଦର ରୋମାଞ୍ଚ ଅଙ୍ଗେ ଅଙ୍ଗେ ଅନୁଭବ କରନ୍ତି। ସାରା ବିଶ୍ୱ ସେ ଭ୍ରମଣ କରିଛନ୍ତି। ତାଙ୍କ ସମ୍ମୋହନୀ ଯାଦୁକାରୀ ବକ୍ତବ୍ୟରେ ଆକୃଷ୍ଟ ହୋଇ ୬୪ ଦେଶରୁ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତାଙ୍କ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଆଉ ବିଦେଶାଗତ ଛାତ୍ରଛାତ୍ରୀଙ୍କ ଆଗମନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନେତା, ପଦ୍ମ ବିଜେତା, ନୋବେଲ ବିଜେତା ସମସ୍ତେ ତାଙ୍କ ପ୍ରଶଂସାରେ ଶତମୁଖ। ଜଗତିକରଣ, ଉଦାରୀକରଣ ଅର୍ଥନୀତି ଯୁଗରେ ଶିକ୍ଷାର ଘରୋଇକରଣ, ଘରୋଇ ବିଶ୍ୱବିଦ୍ୟାଳୟର ଆଦର ଓ ସରକାରୀ ଶିକ୍ଷାନୁଷ୍ଠାନର ଅନାଦର ତ ବଢି ବଢି ଚାଲିଛି। ଏଥିରୁ କିଟ ବା ବାଦ ପଡନ୍ତା କେମିତି? ତେବେ ଏସବୁ ମଧ୍ୟରେ ଗୋଟିଏ ଘଟଣା ଆଜି ବାଟରେ ପଡି ହାଟରେ ଗଡୁଛି। ୨୧ବର୍ଷର ଜଣେ ନେପାଳୀ ଛାତ୍ରୀଙ୍କର ରହସ୍ୟ ଜନକ ମୃତ୍ୟୁ ଓ ତାର ପରବର୍ତ୍ତୀ ଘଟଣା ପ୍ରବାହକୁ କେନ୍ଦ୍ରକରି ବହୁ ଲୁକ୍କାୟିତ ସତ୍ୟ ଉନ୍ମୋଚିତ ହେଉଛି। ତେବେ ଏହା ମଧ ସତ୍ୟ, ଏହା ସେହି ବରଫାଚ୍ଛାଦିତ ଏକ ବିରାଟ ପର୍ବତର କ୍ଷୁଦ୍ର ଅଂଶ ଦୃଶ୍ୟମାନ ହେଲାଭଳି। ରଙ୍ଗିନ ଆଲୋକମାଳାରେ ଇନ୍ଦ୍ରପୁରୀ ଭଳି ବିସ୍ତୃତ ଅଂଚଳ ବ୍ୟାପି ଝଲସୁ ଥିବା ରାଜପ୍ରାସାଦର ଅନ୍ତଃପୁରର ମନ୍ଦ ଚିତ୍ର ଆଜି ଆଉ ପ୍ରାଚୀରର ଚାରିକାନ୍ଥ ମଧ୍ୟରେ ସିମାବଦ୍ଧ ହୋଇ ରହିନାହିଁ। ଶିକ୍ଷାର ବ୍ୟବସାୟିକରଣ-ଘରୋଇକରଣ ନୀତିର ବହୁ ଅପରାଧୀକ ଅକୁହା କଥାର ଗୁମର ଫିଟି ଚାଲିଛି।

### କିଛି ବେଦନାଭରା ପ୍ରଶ୍ନ

ଗତ ଫେବୃୟାରୀ ୧୬ତାରିଖ ଦିନ କିଟ୍ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳି ଛାତ୍ରୀ ପ୍ରକୃତି ନାମସାଲର ରହସ୍ୟଜନକ ମୃତ୍ୟୁ ଓ ତାର ପରବର୍ତ୍ତୀ ଘଟଣାବଳୀ ଚାକଚକ୍ୟପୂର୍ଣ୍ଣ ଘରୋଇ ଶିକ୍ଷାନୁଷ୍ଠାନର ବହୁ ଭିତିରି କଥାକୁ ସମ୍ନାକୁ ଆଣିଛି। ଏହି ମୃତ୍ୟୁକୁ କେନ୍ଦ୍ରକରି କିଛି ପ୍ରାସଙ୍ଗିକ ତ ବେଦନାଭରା ପ୍ରଶ୍ନ ମଧ୍ୟ ସୃଷ୍ଟି ହୋଇଛି। ସମଗ୍ର ଶିକ୍ଷା ବ୍ୟବସ୍ଥା ବିଶେଷକରି ଉଚ୍ଚଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତିର ପ୍ରଣେତା ଓ ପ୍ରବକ୍ତାମାନେ ଘରୋଇ ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଉନ୍ନତ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ ନିରାପତ୍ତା, ନିଯୁକ୍ତିର ନିଷ୍ଚୟତା କଥା କହି ଶିକ୍ଷା ବଜାରକୁ ଗରମ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ ବାସ୍ତବ ମର୍ମାନ୍ତିକ ଚିତ୍ର ଉକ୍ତ ଘଟଣା ମଧ୍ୟରେ ନଗ୍ନଭାବେ ପ୍ରକଟିତ ହୋଇଛି। ଆହୁରି ମଧ କ୍ଷମତାଶାଳୀ ଶିକ୍ଷା ବ୍ୟବସାୟୀ ଗୋଷ୍ଠି, ସରକାର, ପୋଲିସ-ପ୍ରଶାସନ ଓ ଅପରାଧୀମାନଙ୍କ ମଧ୍ୟରେ ଥିବା ଗୋପନ ବୁଝାମଣା ଓ ମୈତ୍ରୀକୁ ସଂପୂର୍ଣ୍ଣ ଭାବେ ପର୍ଦ୍ଦାଫାସ କରିଦେଇଛି। ଆହୁରି ମଧ ପ୍ରମାଣିତ ହୋଇଛି, ଏହିସବୁ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଦେଶର କୌଣସି ଆଇନ କାନୁନ, ସାମ୍ବିଧାନିକ ବିଧି, ଗଣତାନ୍ତ୍ରିକ ରୀତି ନୀତି, ସର୍ବନିମ୍ନ ସୌଜନ୍ୟତା ପ୍ରଯୁଜ୍ୟ ନୁହେଁ। ଏଠି କର୍ତ୍ତୃପକ୍ଷଙ୍କ ନିଜସ୍ୱ ନିୟମ ଓ ଆଇନର ରାଜ ଚାଲେ। ବର୍ତ୍ତମାନ ଘଟିଥିବା ଘଟଣା ଉପରେ ଆଲୋକପାତ କରାଯାଉ। ଗତ ଫେବୃୟାରୀ ୧୬ତାରିଖ ଦିନ କିଟ୍ ହଷ୍ଟେଲର ଏକ ରୁମରେ ଜଣେ ନେପାଳି ଛାତ୍ରୀଙ୍କ ମୃତ ଦେହ ଫ୍ୟାନରେ ଝୁଲିଥିବାର ଦେଖିବାକୁ ମିଳେ। ତୁରନ୍ତ କିଟ୍ କର୍ତ୍ତୃପକ୍ଷ ଆସି ମୃତ ଦେହ ସୋ ମୋଟୋ ଉଦ୍ଧାର କରନ୍ତି। ଏକ ସାଧାରଣ ଆଇନଗତ ନୀତି ଯାହା ସର୍ବତ୍ର ପ୍ରଯୁଜ୍ୟ ତା' ହେଲା, ଘଟଣା ସଂପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସକୁ ଖବର ଦେବା ଓ ପୋଲିସ କର୍ତ୍ତୃପକ୍ଷଙ୍କ ଉପସ୍ଥିତି ଓ ହେପାଜତରେ ପରବର୍ତ୍ତୀ କାର୍ଯ୍ୟ ସଂପାଦନ କରିବା। ମାତ୍ର ଏହି ସାଧାରଣ ନୀତି ଉକ୍ତ ଅସାଧାରଣ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ ହେଲା ନାହିଁ କାହିଁକି? ଏହି ପ୍ରଶ୍ନ ଉଠିବା ତ ସ୍ୱାଭାବିକ। କୌଣସି ଯାଞ୍ଚ ବିନା କିଟ୍ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି ଘୋଷଣା କରି ମୃତ ଛାତ୍ରୀଙ୍କ ପିତାଙ୍କୁ ଖବର ଦେଇଦେଲେ। ଏହିଦିନ ଦିନ ଦୁଇଟା ବେଳେ ଝିଅ ସହିତ ଫୋନରେ ସ୍ୱାଭାବିକ କଥା ହୋଇଥିବା ଓ ସନ୍ଧ୍ୟାରେ ପୁଣି ଫଙ୍କସନ ସରିବାପରେ କଥା ହେବାପାଇଁ କହିଥିବା ଝିଅର ଆତ୍ମହତ୍ୟା ଘଟଣା ଶୁଣି ପିତା ଆଚମ୍ଭିତ ହୋଇଯାଇଥିଲେ। ଏହାପରେ ପରେ ଭାଇରାଲ ହୋଇଥିବା ଆଦବିକ ଶ୍ରୀବାସ୍ତବ ନାମକ ଜଣେ ଛାତ୍ର ସହିତ ଗତବର୍ଷ ହୋଇଥିବା ଏକ ଅଡିଓ ମେସେଜରୁ ଏହି ଛାତ୍ରଙ୍କ ଅଶାଳୀନ କଥା ଓ ମାନସିକ ନିର୍ଯ୍ୟାତନା କଥା ସମସ୍ତେ ଜାଣିପାରିଲେ। ଛାତ୍ରୀ ଜଣକ ବିଶ୍ୱବିଦ୍ୟାଳୟର ଇଣ୍ଟର ନେସ୍‌ନାଲ ଅଭିଯୋଗ ସେଣ୍ଟରରେ ବର୍ଷେକାଳ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିବା କଥା ମଧ୍ୟ ଜଣାପଡିଗଲା। ଏଥି ସହିତ ଆଉ ଏକ ଭିଡିଓ ଭାଇରାଲ ହେଲା ଯେ, ସେଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲୁଥିଲାବେଳେ ୟୁନିଭରସିଟ ହଲରେ ଆଦବିକ ପ୍ରକୃତିକୁ ଏକୁଟିଆ ପାଇ ଅସଦ ବ୍ୟବହାର ଓ ମାରପିଟ କରିଛି, ଯାହା ଫଳରେ କି ଘଟଣା ସ୍ଥଳରେ ପ୍ରକୃତିର ମୃତ୍ୟୁ ହୋଇଯାଇଛି। ଘଟଣାକୁ ଚପେଇ ଦେବାପାଇଁ କିଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାକୁ ଆତ୍ମହତ୍ୟାର ରୂପ ଦେବା ଓ ନିଜର ଦୋଷ ଘଷ୍ଟ ଘୋଡାଇବା ପାଇଁ ତରବରିଆ ଭାବେ ମୃତ ଶରୀରକୁ ଆଣି ହଷ୍ଟେଲ ରୁମର ଫ୍ୟାନରେ ଟଙ୍ଗାଇ ଦିଆଯାଇଛି। ପୋଲିସକୁ ନ ଜଣାଇ ଶବ ଜବତ କରିବା ଓ ନିଜ ଆଡୁ ଏହାକୁ ଆତ୍ମହତ୍ୟା ବୋଲି ପ୍ରଚାର କରିବା ଘଟଣା ଏହି ସନ୍ଦେହକୁ ଦୃଢୀଭୂତ କରିବା ସ୍ୱାଭାବିକ। ଫଳରେ ଖାଲି ନେପାଳ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନୁହେଁ, ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ତଦନ୍ତ, ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ପ୍ରକୃତିକୁ ନ୍ୟାୟ ଦାବିରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରନ୍ତି। ଏହି ଆନ୍ଦୋଳନ ହିଂସକ ବା ଆକ୍ରାମାତ୍ମକ ନଥିଲା, ଅଯୌକ୍ତିକ ବା ଅନ୍ୟାୟ ମଧ ନଥିଲା। ଏକ ସ୍ୱାଭାବିକ ମାନବିକ ପ୍ରତିକ୍ରିୟା ଥିଲା। ଘଟଣା ମଧ ସାମାନ୍ୟ ଘଟଣା ନଥିଲା। ଜଣେ ବିଦେଶୀ ଛାତ୍ରୀଙ୍କ ମୃତ୍ୟୁ, ଘଟଣାର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ବଢାଇ ଦେବା ସ୍ୱାଭାବିକ। ଫଳରେ ଜାତି, ଧର୍ମ, ଦେଶ ନିର୍ବିଶେଷରେ ଛାତ୍ରଛାତ୍ରୀମାନେ ଏହି ପ୍ରତିବାଦ ଆନ୍ଦୋଳନରେ ସାମିଲ ହେଲେ। କିନ୍ତୁ କିଟ୍ କର୍ତ୍ତୃପକ୍ଷ ଏପରିକି ଖୋଦ ପ୍ରତିଷ୍ଠାତାଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଅମାନବିକ ଓ ଆକ୍ରାମତ୍ମକ କାର୍ଯ୍ୟାନୁଷ୍ଠାନ ଘରୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସ୍ୱେରାଚାରୀ ଚରିତ୍ର ଛଡା ଆଉ କଣ କୁହାଯାଇପାରେ। କାରଣ ଏହା ସର୍ବତ୍ର ଦେଖାଯାଉଛି, ଦେଶର ଯେକୌଣସି ଘରୋଇ ଶିକ୍ଷାନୁଷ୍ଠାନରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେତେ ଅନ୍ୟାୟ ହେଲେ ବି ଯେତେ ମନଇଚ୍ଛା ଫିସ ଆଦାୟ ହେଲେ ବି, ଯେତେ ନିର୍ଯ୍ୟାତନା ଏପରିକି ଯୌନ ନିର୍ଯ୍ୟାତନା ଏବଂ ପରୀକ୍ଷା ଫଳ ପ୍ରକାଶନରେ ଯେତେ ଅରାଜକତା, ବିଶୃଙ୍ଖଳା ହେଲେ ବି ଛାତ୍ର ଛାତ୍ରୀମାନେ ପାଟି ଖୋଲି ପାରିବେନାହିଁ। ସାମାନ୍ୟ ବାକ ସ୍ୱାଧୀନତାର ସର୍ବନିମ୍ନ ଗଣତାନ୍ତ୍ରିକ ଅଧିକାର ଏଠି ନାହିଁ। ଯଦି ହୁଏ, ତେବେ ଏହାକୁ ଯେକୌଣସି ଭାବେ, ଯେତେ କଠୋର ଭାବେ ଦମନ କରିବାପାଇଁ ସରକାର ଏମାନଙ୍କୁ ଫ୍ରି ଲାଇସେନ ଦେଇଛନ୍ତି। ଏହା ନହେଲେ କାଳେ ଏମାନଙ୍କର ସୁନାମ ବରବାଦ ହୋଇଯିବ, ଶିକ୍ଷା ବଜାର ମାନ୍ଦା ପଡିଯିବ। ଏହା ହିଁ ଏଠି ଘଟିଛି। ସେହି ରାତିରେ ବିଶ୍ୱବିଦ୍ୟାଳୟର ସିକ୍ୟୁରିଟି ଗାର୍ଡ ପିଲାମାନଙ୍କୁ ପିଟିଛନ୍ତି। ବର୍ତ୍ତମାନ ସବୁ ଘରୋଇ ବିଶ୍ୱବିଦ୍ୟାଳୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ଘରୋଇ ଅନୁଷ୍ଠାନ ନିଜର ଏକ ବିଶେଷ ଧରଣର ଗୁଣ୍ଡା ବାହିନୀ ରଖିଛନ୍ତି ଯାହାକୁ 'ବାଉନ୍‌ସର' କୁହାଯାଇଛି ଯେଉଁମାନଙ୍କ ପାଇଁ କୌଣସି ଆଇନ କାନୁନ ନାହିଁ ଓ ଯେକୌଣସି ସମୟରେ କର୍ତ୍ତୃପକ୍ଷଙ୍କ ପ୍ରୟୋଜନରେ ଏମାନେ ଛାତ୍ରଛାତ୍ରୀ ଓ ଲୋକମାନଙ୍କୁ ବେଧଡକ ପିଟି ପାରିବେ, ମାରି ଲହୁଲୁହାଣ କରିପାରିବେ। କିଟ୍‌ର ଏହି ଡାଗଡ଼ା 'ବାଉନସର' ମାନେ ମଧ୍ୟ କିଭଳି ଛାତ୍ରଛାତ୍ରୀ ବିଶେଷ କରି ନେପାଳ ଛାତ୍ର ଛାତ୍ରୀମାନଙ୍କୁ ନୃଶଂସଭାବେ ମାରିଛନ୍ତି, ଲହୁଲୁହାଣ କରିଛନ୍ତି, ପୁଣି ଧାରଣାରତ ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଦୁଇଜଣ ମହିଳା ପ୍ରଫେସର ସେହି 'ବାଉନସର' ମାନଙ୍କ ଭଳି ଅଙ୍ଗ ଭଙ୍ଗୀ କରି, ଚିତ୍କାର କରି ଧମକ ଦେଇ କହିଛନ୍ତି, "ଆମ ପ୍ରତିଷ୍ଠାତା ୪୦ ହଜାର ପିଲାଙ୍କୁ ପ୍ରତିଦିନ ଖୁଆଇବାରେ ଯେତେ ଟଙ୍କା ଖର୍ଚ୍ଚ କରୁଛନ୍ତି, ତୁମ ଦେଶର ଜିଡିପି ବି ସେତିକି ନୁହେଁ, ତୁମ ମାନଙ୍କର ଔକାତ୍ କେତେ? ତୁମେ କିଏ ହୋ?" ଏହା କେବଳ ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ନୁହେଁ, ଏକ ଦେଶ ବିରୁଦ୍ଧରେ ଅତ୍ୟନ୍ତ ଗର୍ହିତ ଅପରାଧମୂଳକ ବୈଷମ୍ୟବାଦୀ ଆଚରଣ। ଖାଲି ଗୋଟିଏ ଔପଚାରିକ ଭିଡିଓ ବାର୍ତ୍ତା ଜାରି କରିଦେଲେ ମାଫ ହୋଇଯିବ? ଯଦିଓ କିଛି ଗଣମାଧ୍ୟମ ଓ ପଦଲେହନକାରୀ ବୁଦ୍ଧିଜୀବି, ସ୍ତମ୍ଭକାର ନିଜଆଡୁ ଏମାନଙ୍କୁ ମାଫ କରି ଦେଇଛନ୍ତି। ଘଟଣା ଏତିକିରେ ଶେଷ ହୋଇନାହିଁ। ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ନୃଶଂସ କାଣ୍ଡ ବାକି ଥିଲା। ୧୭ ତାରିଖ ବଡି ଭୋରରୁ ବିଶ୍ୱବିଦ୍ୟାଳୟ ଷ୍ଟାଫ, ସିକ୍ୟୁରିଟି ଗାର୍ଡ ଓ ଗୁଣ୍ଡା ବାହିନୀଙ୍କର ମିଳିତ ଅପରେସନ ଆରମ୍ଭ ହେଲା। ସମସ୍ତ ନେପାଳୀ ଛାତ୍ରଛାତ୍ରୀମାନଙ୍କ ହଷ୍ଟେଲ କବାଟ ଜୋରେ ବାଡେଇ ଶୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଉଠେଇଲା ଓ ଦୁଇଘଣ୍ଟା ମଧ୍ୟରେ ହଷ୍ଟେଲ ଖାଲି କରି ନିଜ ଦେଶ ନେପାଳକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଗଲା। କେବଳ ନେପାଳ ଛାତ୍ରଛାତ୍ରୀଙ୍କ ପାଇଁ ସାଇନ ଡାଏ ଘୋଷଣା କରାଗଲା ଯାହା କି ଏକ ଘୋର ଅବ୍ୟବସ୍ଥିତ ଓ ଅଭାବନୀୟ କାର୍ଯ୍ୟ। ଏମାନଙ୍କ ବସରେ ବସାଇ ଭୁବନେଶ୍ୱର ନୁହେଁ, କଟକ, ପୁରୀ ରେଳ ଷ୍ଟେସନରୁ ୧ରୁ ୨କିମି ଦୂରରେ ଅସହାୟ ଅବସ୍ଥାରେ ଛାଡି ଦିଆଗଲା। ୧୯, ୨୦, ୨୧ବର୍ଷର ପିଲା ଏମାନେ, ପୁଣି ବିଦେଶୀ, ପାଖରେ ତୁରନ୍ତ ପଇସା ମିଳିବାର ସମ୍ଭାବନା ନାହିଁ। ଛାତ୍ରୀମାନଙ୍କ ପୁଣି ନିରାପତ୍ତାର ପ୍ରଶ୍ନ ଅଛି। ଖାଇବାକୁ ବି କିଛି ନାହିଁ। ଛାତ୍ର ଛାତ୍ରୀମାନେ ସେହି ଅବସ୍ଥା ବର୍ଣ୍ଣନା କଲାବେଳେ କୌଣସି ସମ୍ବେଦନଶୀଳ ଲୋକ ନକାନ୍ଦି ରହିପାରିବ ନାହିଁ। ଜଣେ ଛାତ୍ର ନିଜର ଘର ଫେରନ୍ତା ଯାତ୍ରାର କରୁଣ କାହାଣୀ ବର୍ଣ୍ଣନା କରି କହିଛି, "କେତେ ଟ୍ରେନ ମୋତେ ବଦଳାଇବାକୁ ପଡିଛି। ସାଧାରଣ ଡବାରେ ଅସମ୍ଭବ ଭିଡ ମଧ୍ୟରେ ଠିଆ ହୋଇ ୫୦ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଉପାସରେ ଯାତ୍ରା କରିବାକୁ ପଡିଛି।" ଏ ହେଉଛି ଆମ ବହୁ ପ୍ରଚାରିତ ଘରୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରକୃତ ଚରିତ୍ର। ଏହି ପିଲାମାନେ କ'ଣ କାହାରି ଦୟାରେ ପଢୁଥିଲେ ନା ହଷ୍ଟେଲରେ ମାଗଣାରେ ରହୁଥିଲେ? ୨୨, ୨୫ ଲକ୍ଷ ଟଙ୍କାରୁ ଅଧିକ ଫିସ୍ ଦେଇ ଆଡମିସନ କରିଥିଲେ। ମୋଟା ଅଙ୍କରୁ ହଷ୍ଟେଲ ଫିସ ଦେଉଥିଲେ। ଦେଶ ବିଦେଶରେ ଲୋଭନୀୟ ବିଜ୍ଞାପନ ଦେଇ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ପ୍ରଲୋଭିତ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପାଖରୁ ଆରମ୍ଭ କରି ଏମାନଙ୍କ ଏଜେଣ୍ଟମାନେ ଛାତ୍ରଛାତ୍ରୀ ସଂଗ୍ରହ କରନ୍ତି, ଆଉ ଏମାନଙ୍କ ପ୍ରତି ଏତାଦୃଶ ବର୍ବର ଆଚରଣ କରନ୍ତି। ଏହା କ'ଣ ଘରୋଇକରଣର ମହନୀୟତା ନା ନୈତିକତା? ଏହା ତ ଏକ ଆରମ୍ଭ ମାତ୍ର, ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଘରୋଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ପଥ ଆହୁରି ସୁଗମ କରିଛି। ସ୍ୱୟଂ ପ୍ରଧାନମନ୍ତ୍ରୀ ଶିକ୍ଷାରେ ପୁଞ୍ଜି ଖଟାଇବାକୁ ଇଚ୍ଛୁକ ଦେଶୀ ବିଦେଶୀ ଏଣ୍ଟରପ୍ରାଇଜର, କମ୍ପାନୀମାନଙ୍କୁ ରେଡ କାର୍ପେଟ ବିଛାଇ ସ୍ୱାଗତ କରିବାକୁ ଆହ୍ୱାନ ଦେଉଛନ୍ତି। ଏହି କ୍ରମରେ ପୁଣି ବେଦାନ୍ତ ବିଶ୍ୱ ବିଦ୍ୟାଳୟ ଆସୁଛି। ଆହୁରି ଅନେକ ଲାଇନ ଲଗାଇଛନ୍ତି।

### ଢୋଲ ଭିତରୁ ମୁଷା ବାହାରିଗଲା

ଏହି ଅଭାବନୀୟ ଓ ଅମାନବୀୟ ଖବର ଆଉ ଦେଶ ମଧ୍ୟରେ ସୀମିତ ରହିଲା ନାହିଁ। ଏହା ଏକ ଆନ୍ତର୍ଜାତିକ ଇସ୍ୟୁ ଓ ବିବାଦରେ ପରିଣତ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## କିଟ ଘଟଣା . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ହେଲା। କିଟ୍ ବିଶ୍ୱବିଦ୍ୟାଳୟର ସ୍ୱେରାଚାରୀ କର୍ତ୍ତୃପକ୍ଷଙ୍କ ଧମକ, ଆକ୍ରମଣ, ଅମାନୁଷିକ ନିର୍ଯ୍ୟାତନା ସତ୍ତ୍ୱେ ବି ଜାତି, ଧର୍ମ ଦେଶ ଉପରକୁ ଯାଇ ଛାତ୍ରଛାତ୍ରୀ ମାନେ ଯେ ଏକ ନଜିର ବିହୀନ ଆନ୍ଦୋଳନର ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ପୁଣି କିଛି ସାହସୀ ଛାତ୍ର ଛାତ୍ରୀ ଖୁବ ରିସ୍କ ନେଇ ଏ ସଂକ୍ରାନ୍ତିୟ ଭିଡିଓ ଅଡିଓ ସାମାଜିକ ଗଣମାଧମରେ ପ୍ରଚାର କରିଛନ୍ତି। ଫଳରେ ଏହାର ବ୍ୟାପକ ପ୍ରଭାବ ପଡିଲା। ଘଟଣା ଲୋକଲୋଚନକୁ ଆସି ଚର୍ଚ୍ଚିତ ବିଷୟ ହେଲା। ନେପାଳ ପାର୍ଲିଆମେଣ୍ଟରେ ମଧ୍ୟ ପ୍ରତିବାଦର ସ୍ୱର ଉତ୍‌ଥାପିତ ହେଲା। ସ୍ୱୟଂ ନେପାଳ ପ୍ରଧାନମନ୍ତ୍ରୀ ବିବୃତ୍ତି ଜାରୀ କଲେ, ନେପାଳ ଦୂତାବାସର ଅଫିସରମାନଙ୍କୁ ପଠାଇଲେ। ଚାରିଆଡେ ବି ପ୍ରଚାର ହେଲା, ଆମ ଦେଶ ବଦନାମ ହେଲା। ସେତେବେଳେ କିଟ୍ କର୍ତ୍ତୃପକ୍ଷ ଓ ସରକାର ଦେଖିଲେ ଢୋଲ ଭିତରୁ ମୁଷା ବାହାରି ଯାଇଛି। ଏବେ ଟିକେ ନରମ ହେବାକୁ ପଡିବ। ନିଜର କ୍ଷତି ଭରଣା ବା ଡ୍ୟାମେଜ କଣ୍ଟ୍ରୋଲ ପାଇଁ ସମସ୍ତେ ଅଣ୍ଟା ଭିଡିଲେ। ଦୁଇ ମହିଳା ପ୍ରଫେସର ଧର୍ମକୁ ଆଖିଠାର ଭଳି ସ୍ୱୀକାର କରି ଭିଡିଓ ମେସଜ ଜାରୀ କରିଦେଲେ। ସଙ୍ଗେ ସଙ୍ଗେ ଫେବୃୟାରୀ ୧୯ତାରିଖ ଦିନ ମୃତ ଛାତ୍ରୀ ପ୍ରକୃତି ନାଁରେ ଏକ ସ୍ୱତନ୍ତ୍ର ସ୍କଲାରସିପ କିଟ କର୍ତ୍ତୃପକ୍ଷ ଘୋଷଣା କରି ବିବୃତ୍ତି ଜାରୀ କରି କହିଲେ, "ଏହି ଉଦ୍ୟମ ପ୍ରକୃତି ଭଳି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିନା ପ୍ରତିବନ୍ଧକତାରେ ନିଜର ପାଠପଢା ଚଳାଇ ରଖିବାକୁ ସୁନିଶ୍ଚିତ କରିବ।" ବିଶ୍ୱବିଦ୍ୟାଳୟର ଷ୍ଟାଫମାନେ ନେପାଳର ପିଲାମାନଙ୍କୁ ପୁଣି ଫେରିଆସିବା ପାଇଁ ଅନୁରୋଧ କରି ଫୋନ କରୁଛନ୍ତି। କର୍ତ୍ତୃପକ୍ଷ କିଛିଟା ଭୁଲ ହୋଇଛି ବୋଲି ସ୍ୱୀକାର କରୁଛନ୍ତି। ପଦଲେହନକାରୀ ଗଣମାଧ୍ୟମ, ତଥାକଥିତ କିଛି ବୁଦ୍ଧିଜୀବୀ ମାନେ ମଧ୍ୟ ଏହାକୁ କିଟ୍‌ର ଏକ ବଡପଣ ବୋଲି ଦେଖାଉଛନ୍ତି। ତେବେ ଏହା ତ ସେହି ମଣିଷ ମାରି ଗଙ୍ଗା ସ୍ନାନ କରିବା ଭଳି କଥା। ଏଣେ ଛାତ୍ର ଆନ୍ଦୋଳନ ଓ ଭିଡିଓ ଅଡିଓ ଭାଇରାଲକୁ ନିନ୍ଦିତ ଓ ଭର୍ତ୍ସନା କରିବାକୁ ଉଦ୍ୟମ ଚାଲିଛି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରି ଧମକ ବି ଦିଆଯାଉଛି। ଜଣାପଡିଛି ଯେ, ଭୁବନେଶ୍ୱର, କଲିକତାରେ ଛାତ୍ର ବିରୋଧ ଚାପରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଗତ ୨୦ତାରିଖ ଦିନ କିଟର ଏକ ଛାତ୍ର ପ୍ରତିନିଧି ମଣ୍ଡଳୀ ଓ କେତେକ ଛାତ୍ର ନେତାଙ୍କ ସହିତ ଆଲୋଚନା କରିବା ପାଇଁ ସମୟ ଦେଲେ। କିନ୍ତୁ ଯେଉଁ ଛାତ୍ରମାନେ ଆସିଥିଲେ ସେମାନଙ୍କୁ ଚିହ୍ନଟ କରି ଫୋନରେ ଆଉ ଆଗକୁ ନ ବଢିବାକୁ ଧମକ ଦିଆଚାଲିଛି। ଏହି ପରିସ୍ଥିତିରେ ନେପାଳରୁ କିଛି ଛାତ୍ର ଛାତ୍ରୀ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, "ଆମ ପ୍ରତି ଅମାନୁଷିକ ଆଚରଣ କରିଥିବା କିଟ କର୍ତ୍ତୃପକ୍ଷ ଏପରିକି ଶିକ୍ଷକମାନେ ବ୍ୟାପକ କୁଟନୈତିକ ଚାପ ଯୋଗୁଁ ଆମକୁ କିଟ ଫେରିଆସିବାକୁ ବାରମ୍ବାର ଫୋନ କରି ଡାକୁଛନ୍ତି। ତେବେ ଆମେ ଫେରିବାକୁ ସିଦ୍ଧାନ୍ତ ନେଇପାରୁନୁ।" ବର୍ତ୍ତମାନ କ୍ୟାମ୍ପସ ଭିତରେ ଭୟର ବାତାବରଣ। ବାଉନସର ମାନେ ପଇଁତରା ମାରୁଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରାଚାଲିଛି। କେତେବେଳେ କେଉଁଠି ସୁଯୋଗ ଦେଖି ଏମାନେ ଆକ୍ରମଣ କରି ରାଗ ସୁଝାଇବେ ତା' ମଧ୍ୟ କହି ହେଉନାହିଁ। ଅନେକ ମାନସିକ ଯନ୍ତ୍ରଣା ମଧ୍ୟରେ ଏପରିକି ଟ୍ରମା ଭିତରେ ଅଛନ୍ତି।

### ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନର ଭୂମିକା

ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଖୁବ ପ୍ରଖର ଗତିରେ ଚାଲିଛି ବୋଲି ଖୁବ ପ୍ରଚାର ହୋଇଛି। ମାତ୍ର ଯେତେବେଳେ ଏହି ଅମାନୁଷିକ ଓ ଅବାଞ୍ଛିତ କାଣ୍ଡ ବିଧାନସଭାରୁ ମାତ୍ର ୮ରୁ ୯କିମି ମଧ୍ୟରେ ଚାଲୁଥିଲା ସେତେବେଳେ ଏହି ଡବଲ ଇଞ୍ଜିନ ଗାଡି କାହିଁକି ପହଞ୍ଚି ପାରିଲାନି। ପହଞ୍ଚିବାକୁ ୨୪ଘଣ୍ଟାରୁ ଅଧିକ ଲାଗିଗଲା। ପୁଣି ଯେବେ ପ୍ରସଙ୍ଗଟି ଆନ୍ତର୍ଜାତିକ ପ୍ରସଙ୍ଗ ହେଲାପରେ କୂଟନୈତିକ ସ୍ତରରେ ଯାଇ ଚାପ ସୃଷ୍ଟି ହେଲା। ଏହି ସମୟରେ ବିଧାନସଭାର ବଜେଟ୍ ଅଧିବେଶନ ଚାଲୁଥିଲା। ଫଳରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ପାଖରୁ ଆରମ୍ଭକରି ସମସ୍ତ ମନ୍ତ୍ରୀ, ଶାସକ ଦଳ ତଥା ମୁଖ୍ୟ ବିରୋଧୀ ଦଳର ନେତା ଓ ଅନ୍ୟାନ୍ୟ ବିରୋଧୀ ବିଧାୟକମାନେ ଉପସ୍ଥିତ ଥିଲେ। କାହିଁ, ଘଟଣାର ହସ୍ତକ୍ଷେପ କରିବା ତ ଦୂରର କଥା, ଘଟଣାସ୍ଥଳରେ କେହି ପହଞ୍ଚିବାର ଦେଖାଗଲା ନାହିଁ। ବିଜେପି ସରକାର ବିଦେଶୀମାନଙ୍କୁ ଦେବତା ତୁଲ୍ୟ ଅତିଥିଭାବେ ଦେଖନ୍ତି ବୋଲି କୋଟି କୋଟି ଟଙ୍କା ଖର୍ଚ୍ଚକରି ପ୍ରଚାର କରୁଛନ୍ତି। କାହିଁ ବିଦେଶୀ ଛାତ୍ରଛାତ୍ରୀଙ୍କ ପ୍ରତି ସରକାରଙ୍କ ଆଚରଣ ତ ଏହା ଦେଖାଗଲା ନାହିଁ। ପୁଣି ନେପାଳ ଏକମାତ୍ର 'ହିନ୍ଦୁ ରାଷ୍ଟ୍ର' ଓ ଆମର ପରମ ମିତ୍ର ବୋଲି ପ୍ରଧାନମନ୍ତ୍ରୀ ମୋଦୀ ସର୍ବଦା କୁହନ୍ତି। ସେହି ରାଷ୍ଟ୍ରର ଛାତ୍ରଛାତ୍ରୀ ପ୍ରତି ତାଚ୍ଛଲ୍ୟପୂର୍ଣ୍ଣ ବୈଷମ୍ୟମୂଳକ ହୀନ ମନ୍ତବ୍ୟ ଓ ଏତାଦୃଶ ପାଶବିକ ଆକ୍ରମଣ ପ୍ରସଙ୍ଗରେ ଏହି ତଥାକଥିତ ଧାର୍ମିକ ସରକାର ଓ ବିଜେପି ଦଳ ନିରବ ରହିଲେ କିପରି? ଅନ୍ୟଦିଗରେ କେନ୍ଦ୍ରସରକାର ଓ ଏହି ସରକାରଙ୍କର ଉଚ୍ଚ ଶିକ୍ଷାମନ୍ତ୍ରୀ ଯିଏ ଓଡିଶାର ବୋଲି ଅନେକ ଗର୍ବ କରନ୍ତି ସେ ମଧ୍ୟ ନିରବ ରହିଲେ କିପରି? ଏମାନଙ୍କର ଅସଲ ଚରିତ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। ନିକଟସ୍ଥ ପୋଲିସ ଥାନା, ପୋଲିସ କମିଶନର, ତାଙ୍କର ଗୁଇନ୍ଦା ବିଭାଗ ବି କିଛି ଜାଣିପାରିଲେନି କିପରି? ଦୁଇଦିନ ବିତିଗଲା ପରେ କିଛି ନୈତିକ ଚାପ ସୃଷ୍ଟି ହେଲାପରେ ରାଜ୍ୟ ସରକାର କି ଭୂମିକା ଗ୍ରହଣ କଲେ? ସରକାରଙ୍କ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ ଉଚ୍ଚସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ ହେବା କଥା ମୁଖ୍ୟମନ୍ତ୍ରୀ ଘୋଷଣା କଲେ। ଏହିଭଳି କମିଟିର ନିରପେକ୍ଷତା ଓ ତତ୍ପରତାକୁ ନେଇ ମଧ୍ୟ ବହୁ ପ୍ରଶ୍ନ ଅଛି। କାରଣ ପୁର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ ପୋଲିସ କର୍ମଚାରୀଙ୍କୁ ମାଡ ମାରିବା ଘଟଣାରେ ଗଠିତ ହୋଇଥିବା ଏହିଭଳି ଏକ ଉଚ୍ଚସ୍ତରୀୟ କମିଟି କ'ଣ କରିଛି ବା କରୁଛି ତା ଏ ପର୍ଯ୍ୟନ୍ତ କେହି ଜାଣିପାରିଲେ ନାହିଁ। ଇତିମଧ୍ୟରେ ସେହି ରାଜ୍ୟପାଳ ମଧ୍ୟ ଓଡିଶାକୁ ବୁଲି ଯାଉଛନ୍ତି। ଉକ୍ତ ଘଟଣାରେ ଭାରତ ନିନ୍ଦିତ ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଦୁଃଖ ପ୍ରକାଶ କରି ଓ ନେପାଳର ଛାତ୍ରଛାତ୍ରୀଙ୍କୁ ଭାରତ ଫେରିଆସିବାକୁ ନିବେଦନ କରି ତଥା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନେପାଳ ସରକାରଙ୍କୁ ପ୍ରତିଶୃତି ଦେଇ ନିଜର କର୍ତ୍ତବ୍ୟ ଶେଷ କରିଛନ୍ତି।

ଅନ୍ୟଦିଗରେ ବିଭିନ୍ନ ଆଡୁ ଚାପ ପଡିବା ପରେ ରାଜ୍ୟ ପୋଲିସ ଦୁଇଜଣ ସିକ୍ୟୁରିଟି ଗାର୍ଡ ଓ ତିନିଜଣ କିଟ କର୍ମଚାରୀଙ୍କୁ ଗିରଫ କଲେ। ଏଥିସହିତ ଭୁବନେଶ୍ୱର ବିମାନବନ୍ଦରରୁ ଅଭିଯୁକ୍ତ ଆବେଦିକ ଶ୍ରୀବାସ୍ତବଙ୍କୁ ମଧ୍ୟ ଗିରଫ କରାଗଲା। ପୋଲିସର ପାରିବା ପଣିଆକୁ ନେଇ ଖୁବ ଚର୍ଚ୍ଚା ହେଲା। ଦେଖନ୍ତୁ, ଏଠି କେତେ ଗଫଲତି ଅଛି। ପୋଲିସ ଏହି ୫ଜଣଙ୍କ ବିରୁଦ୍ଧରେ ଜାଣିଶୁଣି ଏତେ ଦୁର୍ବଳ ଦଫା ଲଗାଇଥିଲେ ଯାହାଫଳରେ ମାତ୍ର ୩ଘଣ୍ଟା ମଧ୍ୟରେ ଏମାନଙ୍କୁ ବେଲ ମିଳିଗଲା। ମୁଖ୍ୟ ଅଭିଯୁକ୍ତର କ'ଣ ହେବ ତା' ମଧ୍ୟ ଜଣା ପଡୁଛି। କାହିଁ ଯେଉଁ 'ବାଉନସର'ମାନେ ପିଲାମାନଙ୍କୁ ଗୋଡେଇ ଗୋଡେଇ ପିଟିଲେ, ଯେଉଁମାନଙ୍କୁ ସ୍ପଷ୍ଟ ଦେଖିହେଉଛି, ସେମାନଙ୍କୁ ଚିହ୍ନଟ କରି କୌଣସି କାର୍ଯ୍ୟାନୁଷ୍ଠାନ ତ ନିଆଯାଇ ନାହିଁ। ଫଳରେ ଏ ସମସ୍ତ ଘଟଣାରୁ ଏହା ପ୍ରମାଣ ହୋଇଯାଇଛି, ଘରୋଇ ବିଶ୍ୱବିଦ୍ୟାଳୟ କିଟ ସରକାର-ପୋଲିସ-ପ୍ରଶାସନ-ଅପରାଧୀ ଗୁଣ୍ଡାବାହିନୀ ସମସ୍ତଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣା ଭିତ୍ତିରେ ହିଁ ସବୁକିଛି ଚାଲିଛି। ସବୁ କିଛି ଯେମିତି ପ୍ରାୟୋଜିତ।

### କିଟ ଏକ ବିଚ୍ଛିନ୍ନ ଘଟଣା ନୁହେଁ

କିଟ ଭଳି ବିଶ୍ୱବିଦ୍ୟାଳୟମାନଙ୍କରେ ଯାହା ଘଟୁଛି, ତାହା ଯେ ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତିର ଫଳ, ଏହି ବିଷୟକୁ ଅନେକେ ଏଡେଇ ଯାଇଛନ୍ତି ବା ଜାଣତରେ କିମ୍ବା ଅଜାଣତରେ ଅଣଦେଖା କରୁଛନ୍ତି। କିଛି ଅଛନ୍ତି ଯେଉଁମାନେ କିଟ୍ ପ୍ରତିଷ୍ଠାନର ଘୋର ବିରୋଧୀ ବୋଲି ନିଜକୁ ପ୍ରଦର୍ଶିତ କରୁଛନ୍ତି, କିନ୍ତୁ ସରକାରଙ୍କ ଶିକ୍ଷାର ଘରୋଇକରଣ ନୀତିର ବିରୋଧୀତା କରୁନାହାନ୍ତି ବରଂ ଏହା ପକ୍ଷରେ ଓକିଲାତି କରୁଛନ୍ତି। କିଛିତ କିଟ୍ କର୍ତ୍ତୃପକ୍ଷଙ୍କ ଚାଟୁକରିତା କାରିବାକୁ ଯାଇ ସରକାରୀ ଶିକ୍ଷାନୁଷ୍ଠାନର ବିଫଳତା ଓ ଘରୋଇ ଶିକ୍ଷାନୁଷ୍ଠାନର ସଫଳତା ବଖାଣିବାରେ ଖୁବ୍ ତତ୍ପର। ପୁଣି କହନ୍ତି ସରକାର ଯାହା କରିପାରିଲେ ନାହିଁ, କିଟ୍, ସୋଆ ତାହା କରିପାରିଛନ୍ତି। ସରକାର ଯେ ଯୋଜନାବଦ୍ଧ ଭାବେ ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକୁ ଧ୍ୱଂସ କରି ଘରୋଇ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଗଢିତୋଳିବାକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ଓ ଏହା ଯେ ସରକାରଙ୍କ ଶିକ୍ଷାର ଘରୋଇକରଣ ବ୍ୟବସାୟକରଣ ନୀତି, ଏକଥା ଚର୍ଚ୍ଚାର ପରିସରକୁ ଆସୁ ନାହିଁ ଏକଥା କିନ୍ତୁ ବୁଝିବାକୁ ହେବ। ତତ୍‌କାଳୀନ କଂଗ୍ରେସ ସରକାର ୧୯୮୬ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନ କରି ଶିକ୍ଷା ବ୍ୟବସାୟର ସିଂହଦ୍ୱାର ଖୋଲିଦେଇଥିଲେ। ତେବେ ବିଜେପି ସରକାର ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷାରେ ସାମଗ୍ରିକ ଘରୋଇକରଣ ଓ ବ୍ୟବସାୟୀକରଣ ନୀତିର ଏକ ନୀଳ ନକ୍ସା ପ୍ରସ୍ତୁତ କରାଯାଇ ଏହାକୁ ଦୃତ ଗତିରେ କାର୍ଯ୍ୟକାରୀ କରାଯାଉଛି। କୁହାଯାଉଛି ୧୯୮୬-ନୂତନ ଜାତୀୟ ଶିକ୍ଷାନୀତିର ଅସଂପୂର୍ଣ୍ଣ କାର୍ଯ୍ୟ ଏହି ଶିକ୍ଷାନୀତି କରିବ। ଏହାରି ପରିଣତିରେ ସରକାର ଶିକ୍ଷା ପ୍ରତିଥିବା ନିଜର ଦାୟବଦ୍ଧତାରୁ କ୍ରମାଗତ ଓହରି ଯାଉଛନ୍ତି। କ୍ରମାଗତ ଖର୍ଚ୍ଚ କାଟ କରିଚାଲିଛନ୍ତି। ଫଳରେ ଅଧ୍ୟାପକ ବିନା, ସର୍ବନିମ୍ନ ଭିତ୍ତିଭୂମି ବିନା ସରକାରୀ ଶିକ୍ଷାର ଆଜି ବିକଳାଙ୍ଗ ଅବସ୍ଥା। ଆମ ରାଜ୍ୟର ପରିସଂଖ୍ୟାନ ବିଚାରକୁ ନିଆଯାଉ। ରାଜ୍ୟରେ ଥିବା ୧୩ଟି ସରକାରୀ ବିଶ୍ୱବିଦ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ପଦବୀ ହେଉଛି ୨୦୦୩। ସେଥିରୁ ଦୀର୍ଘଦିନ ଧରି ୧୩୦୩ ପଦବୀ ଖାଲି ପଡିଛି। ଅନ୍ୟାନ୍ୟ ବିଭାଗରେ ବି କରୁଣ ଅବସ୍ଥା। ପଦବୀ ପୂରଣ କ'ଣ କରାଯିବ ପଦବୀ ଉଚ୍ଛେଦ ଚାଲିଛି। ଏଣେ ସରକାର ନିୟମ କରିଛନ୍ତି, ୭୫ପ୍ରତିଶତ ଅଧ୍ୟାପକ ପଦବୀ ପୂରଣ ନହୋଇଥିଲେ ନ୍ୟାକ୍ ମାନ୍ୟତା ମିଳିବ ନାହିଁ। କି ବିଚିତ୍ର ନୀତି! ଏହିଭଳୀ ବହୁ ସମସ୍ୟା ଘେରରେ ଯୁଝି ଯୁଝି ଆଜି ବହୁ ସୁନାମଧନ୍ୟ ଖ୍ୟାତି ସଂପନ୍ନ ଶିକ୍ଷାନୁଷ୍ଠାନ ଧ୍ୱଂସ ମୁଖରେ। ସରକାର ନିଜେ ହିଁ ସରକାରୀ ଶିକ୍ଷାନୁଷ୍ଠାନ ଧ୍ୱଂସ କରିବାର ନୀତି ଆଣନ୍ତି। ଏଗୁଡିକୁ ଦୁରବସ୍ଥା ମଧ୍ୟ ଠେଲି ଦିଅନ୍ତି, ଆଉ ଏହି ଦୂରାବସ୍ଥାର ଯୁକ୍ତି ଦେଇ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବାର ଭିତ୍ତ ପ୍ରସ୍ତୁତ କରନ୍ତି। ସରକାରଙ୍କ ସାଥ ଦେବା ପାଇଁ ତ ମୁଣ୍ଡବିକା ଗଣମାଧ୍ୟମ, ସ୍ତମ୍ଭକାର ଓ ତଥାକଥିତ ବୁଦ୍ଧିଜୀବୀ ଅଛନ୍ତି। କିଛି ଭ୍ରମିତ ହୋଇ ମଧ୍ୟ ଏହି ଯୁକ୍ତିକୁ ସମର୍ଥନ କରନ୍ତି। ଆଜି ଅବସ୍ଥା ଏଭଳି ହୋଇଛି ଯେ, ସରକାରୀ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ଦୃତ ବଢି ବଢି ଚାଲିଛି। ସର୍ବଭାରତୀୟ ସ୍ତରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୫୭, ସରକାରୀ ବିଶ୍ୱବିଦ୍ୟାଳୟ ୪୯୬, କିନ୍ତୁ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ୫୦୨ ଓ ଡିମଡ୍ ବିଶ୍ୱବିଦ୍ୟାଳୟ ୧୩୮। ଏହି ଡିମ୍ଡ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆମ ରାଜ୍ୟର କିଟ୍ ଓ ସୋଆ ଅଛନ୍ତି। କିଟ୍ ଘଟଣା ପରିପ୍ରେକ୍ଷୀରେ କିଛି ସ୍ୱଘୋଷିତ ଶିକ୍ଷାବିତ ବା ବୁଦ୍ଧିଜୀବୀ ଷ୍ଟୁଡିଓରେ ବସି ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ଐତିହ୍ୟ ସଂପନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକୁ ତାଚ୍ଛଲ୍ୟ କରି ଘରୋଇ ବିଶ୍ୱବିଦ୍ୟାଳୟର ଗୁଣଗାନ କରୁଛନ୍ତି। ଚତୁର ଚାଟୁକାର ମାନେ ମଧ୍ୟ ସେହିଭଳୀ ପ୍ରଶ୍ନ ସେଟ୍ କରୁଛନ୍ତି। ମାତ୍ର ଆଜି ବି ଜଣେ ସାଧାରଣ ଘରର ପିଲା ଏତେ ପ୍ରତିକୂଳତା ଓ ସରକାରୀ ବୈମାତୃକତା ସତ୍ତ୍ୱେ ବି ରେଭେନ୍ସା, ଉତ୍କଳ ଭଳି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ସ୍ୱପ୍ନ ଦେଖେ। ଏହି ସବୁ ବିଶ୍ୱବିଦ୍ୟାଳୟ ଜ୍ଞାନ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ବହୁ ତାରକା ସୃଷ୍ଟି କରିଛି। ଏପରିକି କିଟ୍ ଭଳି ବିଶ୍ୱବିଦ୍ୟାଳୟର ପ୍ରଫେସର ମାନଙ୍କର ଅତୀତକୁ ନଜର କଲେ ହୁଏତ ଜଣାପଡିବ ଏମାନଙ୍କ ମଧ୍ୟରୁ ଅଧିକାଂଶ କୌଣସି ନା କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ପଢି ଆସିଥିବେ। ଘରୋଇ ଶିକ୍ଷାନୁଷ୍ଠାନରେ ତ ଖୋଲାଖୋଲି ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଲୁଟ କରାଯାଉଛି, ମନଇଚ୍ଛା ଫିସ ଆଦାୟ ହେଉଛି। ଏଠି ଶିକ୍ଷା ଏକ ବିଳାସିକ ମହଙ୍ଗା ପଣ୍ୟରେ ପରିଣତ ହୋଇଛି। ଏହି ଫିସ୍‌ର ବୋଝ ଯୋଗୁ ଓ ଅନେକ ସମୟରେ ଘରୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଗ୍ର, ଅସହିଷ୍ଣୁ, ଅପମାନଜନକ ଆଚରଣ ଯୋଗୁ କେତେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ତା'ର କୌଣସି ସଠିକ ଖବର ନାହିଁ। ପୁଣି ଫିସ୍ ରେସନାଲାଇଜେସନ ଆଳରେ ଘରୋଇ ଶିକ୍ଷାନୁଷ୍ଠାନର ଫିସ୍ ଷ୍ଟ୍ରକଚର ସହ ସାମଞ୍ଜସ୍ୟ ରଖି ସରକାରୀ ଶିକ୍ଷାନୁଷ୍ଠାନରେ ଫିସ ବୃଦ୍ଧି ହେଉଛି, ଯାହା ଯୋଗୁ ଏତାଦୃଶ୍ୟ ବେଦନାଦାୟକ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏଠି ସରକାର ନିଜେ ବ୍ୟବସାୟୀ ସାଜିଛନ୍ତି।

ହୁଏତ କିଛି ଦିନ ପରେ ଏହି ଘଟଣାକୁ କେନ୍ଦ୍ରକରି ଜଳୁଥିବା ନିଆଁ ଲିଭିଯିବ ବା ଲିଭାଇ ଦିଆଯିବ, ମାତ୍ର ନିଜର ମେଧାବୀ କନ୍ୟା ହରାଇଥିବା ସେହି ପିତାଙ୍କର ଯନ୍ତ୍ରଣାର ନିଆଁ କ'ଣ ଲିଭିବ? ବେଦନାର ଲୁହ କ'ଣ ଶୁଖିବ? ହୁଏତ ଗତ ଏକ ବର୍ଷ ମଧ୍ୟରେ ହୋଇଥିବା ୨୭୯ଟି ଘଟଣାର ସରକାରୀ ତାଲିକାରେ ଆଉ ଗୋଟିଏ ସଂଖ୍ୟା ଯୁକ୍ତ ହୋଇ ତାଲିକା ଲମ୍ବା ହେବ, କିନ୍ତୁ ପିତାଙ୍କର ଆକୁଳ ଆବେଦନ, ସହପାଠୀ ଓ ସହଯୋଗୀ ମାନଙ୍କ ଦାବି 'ପ୍ରକୃତିକୁ ନ୍ୟାୟ' କଣ ହାସଲ ହେବ? ଆଉ କୌଣସି ଝିଅର ଏଭଳି ଅବସ୍ଥା ନହେଉ, ପିତୃତ୍ୱର ଏହି ପ୍ରତ୍ୟାଶା କ'ଣ ପୂରଣ ହେବ? ଏହି ପ୍ରଶ୍ନ ତ ଆକ୍ରାନ୍ତ ମାନବତାର, ବେଦନାରତ ପିତୃତ୍ୱ-ମାତୃତ୍ୱର। ଏହାର ଉତ୍ତର କିଏ ଦେବ? ଏହା ହିଁ ତ ବଡ ପ୍ରଶ୍ନ! ପ୍ରକୃତିର ମୃତ୍ୟୁରେ ଜାଗି ଉଠିଛି ସୁପ୍ତ ମାନବତାର ଦୀପ୍ତିମାନ ବହ୍ନିଶିଖା। କିଛିଦିନ ତଳେ ପଶ୍ଚିମବଙ୍ଗର ଆର ଜି କର ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀ ନିର୍ଭୟା ପ୍ରତି ହୋଇଥିବା ବର୍ବରତା ବିରୁଦ୍ଧରେ ପ୍ରତିବାଦର ବହ୍ନିଶିଖା ଜଳି ଉଠିଥିଲା। ସେଠି ମଧ୍ୟ ଏହି ସତ୍ୟ ଉଦ୍‌ଭାସିତ ହୋଇଥିଲା। ଆନ୍ଦୋଳନର ଜ୍ୱଳନ୍ତ ଅଗ୍ନିଶିଖା ମଧ୍ୟରେ ମାନବତାର ଏହି ପ୍ରଜ୍ୱୋଳିତ ପ୍ରତିଛବି ପ୍ରତିଭାତ ହେଉଛି। ଦେଉଛି, ସରକାରୀ ଶିକ୍ଷାକୁ ବଂଚାଅ, ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ନୀତି ପ୍ରତିହତ କରିବା ପାଇଁ ପ୍ରତିବାଦ ପ୍ରତିରୋଧ ଆନ୍ଦୋଳନ ଗଢିତୋଳ, ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ଯାଏ, ସର୍ବସ୍ତରର ଶିକ୍ଷା ସମସ୍ତ ବର୍ଗର ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ହେବା ଦାବିରେ ସ୍ୱାଧୀନତା ଆନ୍ଦୋଳନର ସମସ୍ତ ସଂଗ୍ରାମୀ ଓ ମହାମନିଷୀଙ୍କ ସ୍ୱପ୍ନର ବିପରୀତରେ ଶିକ୍ଷା ବଜାରର ଏକ ଲୋଭନୀୟ ମହଙ୍ଗା ପଣ୍ୟରେ ପରିଣତ କରିବାର ନୀତି ବିରୁଦ୍ଧରେ, ଶିକ୍ଷା ମାଫିଆଙ୍କ କବଳରୁ ଶିକ୍ଷାକୁ ବଂଚାଇବା ଦାବିରେ ଶକ୍ତିଶାଳି ଶିକ୍ଷା ଆନ୍ଦୋଳନ ଗଢିତୋଳନ୍ତୁ। ସେହି ଦାୟିତ୍ୱ ଛାତ୍ର, ଯୁବକ ସମସ୍ତ ସ୍ତରର ଶିକ୍ଷା ସଚେତନ ଜନଗଣଙ୍କୁ ନେବାକୁ ହେବ। ଏହା ହିଁ ସମୟର ଦାବି, ମାନବତାର ଆକୁଳ ଆବେଦନ।

★ ★ ★

୪ବର୍ଷିଆ ଡିଗ୍ରୀ କୋର୍ସ, ୟୁଜିସି ଚିଠା ରେଗୁଲେସନ୍-୨୦୨୫ ବିରୁଦ୍ଧରେ

# ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଆଲୋଚନାଚକ୍ର ଓ ଧାରଣା







ବିଶ୍ୱବିଦ୍ୟାଳୟ ମାନଙ୍କରେ କୁଳପତି, ପ୍ରଫେସର, ଆସିଷ୍ଟାଣ୍ଟପ୍ରଫେସର ମାନଙ୍କ ନିଯୁକ୍ତି ଏବଂ ପ୍ରମୋଶନ୍ ସଂକ୍ରାନ୍ତିୟ ୟୁଜିସି ପକ୍ଷରୁ ପ୍ରକାଶିତ ନୂତନ ଚିଠା ରେଗୁଲେସନ୍ ୨୦୨୫କୁ ନେଇ ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଭୁବନେଶ୍ୱରରେ ଫେବୃୟାରୀ ୨ ତାରିଖରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ସଂଗଠନର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ, ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ପ୍ରଫେସର ସିର୍ଦ୍ଧାଥ ଭରଦ୍ୱାଜ, ପ୍ରଫେସର ରଞ୍ଜନ କୁମାର କର, ପୂର୍ବତନ ପ୍ରଫେସର ଅଜୟ କୁମାର ପାତ୍ର, ବିଶିଷ୍ଟ ସାହିତ୍ୟିକା ଡ଼. ବାସନ୍ତି ମହାନ୍ତି, ପ୍ରଫେସର ବାଣିକାନ୍ତ ମିଶ୍ର, ବିଧୁପ୍ରଭା ରଥ, ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ପ୍ରଫେସର ପ୍ରଦୀପ ମହାପାତ୍ର, ରାଜ୍ୟ ସଂପାଦକ ସୁବାସ ନାୟକ, ଏଆଇଡିଏସ୍ଓ ରାଜ୍ୟ ସଂପାଦକ ସିଦ୍ଧାର୍ଥ ରଥ ଯୋଗ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଆଇଏସଇସିର ସର୍ବଭାରତୀୟ ସାଧାରଣ ସଂପାଦକ ପ୍ରଫେସର ତରୁଣ କାନ୍ତି ନସକର ୟୁଜିସି ନୂତନ ଚିଠା ରେଗୁଲେସନ-୨୦୨୫ର ମାରତ୍ମକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, କ୍ରିଷ୍ଣାରାଣୀ ସାହୁ, ବିଭୂତି ଭୁଷଣ ନାୟକ, କ୍ଷିରୋଦ କର, ନୃସିଂହ ପଣ୍ଡା, କେଶବ ବିଶ୍ୱାଳ, ଭୋଳାନାଥ ବେହେରା, ଲକ୍ଷ୍ମଣ ବେହେରା, ପବିତ୍ର ପଟ୍ଟନାୟକ, ଅକ୍ଷୟ କୁମାର ବାରିକ, ଚିତ୍ତ ରଞ୍ଜନ ମେଣ୍ଟୁଲି, ତ୍ରିଲୋଚନ ଦାସଅଧିକାରୀ, ଧଡିଆ ବିଶ୍ୱାଳ, ଶର୍ମିଷ୍ଠା ନାଥ, ଅର୍ଜୁନ ଜେନା ପ୍ରମୁଖ ଆଲୋଚନା ସଭାରେ ଉପସ୍ଥିତ ଥିଲେ।

ନିଷ୍ପତ୍ତି ଅନୁଯାୟୀ ଗତ ଫେବୃୟାରୀ ୨୭ତାରିଖରେ ୟୁଜିସି ଚିଠା ରେଗୁଲେସନ- ୨୦୨୫ ପ୍ରତ୍ୟାହାର, ୪ବର୍ଷିଆ ଡିଗ୍ରୀ କୋର୍ସ ବାତିଲ, ବିଭିନ୍ନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ, ଶିକ୍ଷକ ଶିକ୍ଷା ନିଯୁକ୍ତି ଦାବିରେ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଗଠନର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଧାରଣା ସ୍ଥଳରେ ଅନୁଷ୍ଠିତ ସଭାରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ବିଶିଷ୍ଟ ସାମାଜିକ କର୍ମୀ ଆଡଭୋକେଟ୍ ବିଶ୍ୱପ୍ରିୟ କାନୁନ୍‌ଗୋ, ଏଆଇଏସଇସି ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର, ବିଭୂତି ନାୟକ, ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ଆଡଭୋକେଟ୍ ଜଗବନ୍ଧୁ ଦାସ, ମହମ୍ମଦ୍ ସୁକୁର, ଅଧ୍ୟାପିକା ମଞ୍ଜୁଲତା ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂଗଠନର ରାଜ୍ୟ ଉପସଭାପତି ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ଅଫିସ୍ ସଂପାଦିକା ବବି ବଳବନ୍ତରାୟଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମାନ୍ୟବର ରାଜ୍ୟପାଳଙ୍କୁ ସାକ୍ଷାତ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ଗୁଡିକୁ ତୁରନ୍ତ ପୂରଣ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଚରଣ ଜେନା, ଅକ୍ଷୟ ରାଉଳ, ଶିକ୍ଷକ ରଂଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



# ମାର୍ଥାପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲିବା ଦାବିରେ ଲଗାତାର ଆନ୍ଦୋଳନ

କଟକର ମାର୍ଥାପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆସନ୍ତା ଶିକ୍ଷା ବର୍ଷରୁ ଖୋଲି ନାମ ଲେଖା ପ୍ରକ୍ରିୟା ଆରମ୍ଭ ଦାବିରେ ଜନଗଣଙ୍କ ପ୍ରତିବାଦ ଚାଲିଛି। ଗତ ଫେବୃୟାରୀ ଗ୍ରାମୀଣ ଅଦାଲତ ପାଇଁ ଜାଗା ମାପଚୁପ କରିବାକୁ ଆସିଥିବା ବେଳେ ଜନଗଣ ସାହସର ସହ ବିରୋଧ କରିଥିଲେ। ଜନଗଣଙ୍କ ଅଦମ୍ୟ ସାହାସ ଫଳରେ ପ୍ରଶାସନ ଫେରିଯିବାକୁ ବାଧ୍ୟ ହୋଇଥିଲା। ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଜନଗଣ ଏହାପରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଅନ୍ୟ କୌଣସି ସରକାରୀ କାର୍ଯ୍ୟରେ ବ୍ୟବହାର କରାଯିବନି ବୋଲି ପ୍ରତିଶୃତି ଦେଇଥିଲେ। ମାର୍ଥାପୁର ସରକାରୀ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ମମତା ବେହେରା, ମଞ୍ଜୁଲତା ବିଶ୍ୱାଳ, କୁନିଲତା ନାୟକ, ପୁଷ୍ପଲତା ପାଇଟାଲ, ରଶ୍ମିତା ପାଇଟାଲ, ଅମ୍ବିକା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପାଇଟାଲ, ସମିତା ଓଝା, ସୌଦାମିନୀ ପାଇଟାଲ, ସଂଘମିତ୍ରା ପାଇଟାଲ, ମଂଜୁ ଲେଙ୍କା, କୁନିପ୍ରଭା ବିଶ୍ୱାଳ, ବାଇଧର ସାହୁ, ଶ୍ରିକାନ୍ତ ସାହୁ, ବିରେନ ପାଇଟାଲ ଚାଷୀ ନେତା ବସନ୍ତ ନାୟକ, ନାରୀ ନେତ୍ରୀ ମାଳବିକା ସାମଲ, କମିଟିର ବାରଙ୍ଗ ବ୍ଲକ ସଂଯୋଜକ ରାଜେଶ ରାଉତ, ଭାଗ୍ୟଶ୍ରୀ ପ୍ରଧାନ, ଜିଲ୍ଲା ସଂଯୋଜକ ଈଷା ଧର, ତରୁଣସେନ ନାୟକଙ୍କ ପ୍ରମୁଖ ନେତୃତ୍ୱକାରୀ ଭୂମିକା ଗ୍ରହଣ କରିଥିଲେ।





# ଛାତ୍ରୀ ମୃତ୍ୟୁଘଟଣାର କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଦାବିରେ ଏଆଇଡିଏସ୍‌ଓର ଦେଶବ୍ୟାପୀ ଛାତ୍ରବିକ୍ଷୋଭ







କିଟ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହିତ ନେପାଳର ଛାତ୍ରଛାତ୍ରୀଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରି ବିତାଡିତ କରିଥିବା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା, କିଟ୍‌ରେ ଅଧ୍ୟୟନରତ ନେପାଳ ତଥା ସମସ୍ତ ଛାତ୍ରଛାତ୍ରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, କ୍ୟାମ୍ପସ ଚାରିପଟେ ସମସ୍ତ ମଦ ଓ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନ ଗୁଡିକ ତୁରନ୍ତ ବନ୍ଦ କରିବାକୁ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବା ତଥା ଶିକ୍ଷାର ଘରୋଇକରଣ-ବ୍ୟବସାୟୀକରଣ ବନ୍ଦ ଦାବିରେ ଏଆଇଡିଏସଓ ପକ୍ଷରୁ ବିଧାନସଭା ସମ୍ମୁଖରେ ଛାତ୍ରବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇଡିଏସଓ ପକ୍ଷରୁ ଦେଶ ବ୍ୟାପୀ ଏହି ଘଟଣା ପ୍ରତିବାଦରେ ପ୍ରତିବାଦ କାର୍ଯ୍ୟକ୍ରମହୋଇଛି। କଟକରେ ଏଆଇଡିଏସଓର କେନ୍ଦ୍ରୀୟ ପରିଷଦର ସାଧାରଣ ସମ୍ପାଦକ କମ୍ରେଡ ଶିବାଶିଷ ପ୍ରହରାଜ ଓ ବ୍ରହ୍ମପୁରରେ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ଉପସ୍ଥିତ ଥିଲେ। ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ଛାତ୍ର ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ, ଉପ-ସଭାପତି କମ୍ରେଡ ନିରୁପମା ବେହେରା, କମ୍ରେଡ ଭାଗ୍ୟରବି ଦାସ, ଅଫିସ ସମ୍ପାଦକ କମ୍ରେଡ ନସିମ୍ ସରକାର, କୋଷାଧ୍ୟକ୍ଷ କମ୍ରେଡ ସର୍ପ୍ତସ୍ୱିନୀ ରାଉଳ, ପରମାନନ୍ଦ ସାହୁ, ବିନୋଦ ସେଠୀ, ନାରାୟଣ ସାହୁ, ନିମାଇଁ ଚରଣ ସାହୁ, ତରୁଣ ସେନ ନାୟକ, ଈଶା ଧର, ନାରାୟଣ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଭୋଗରାଇରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ବିକ୍ଷୋଭ




ଉତ୍ତର ଭୋଗରାଇର ବନ୍ୟା ନିୟନ୍ତ୍ରଣ ଓ ଦକ୍ଷିଣ ଭୋଗରାଇରୁ ଜଳ ନିଷ୍କାସନ କରିବା, ପ୍ରିପେଡ୍ ମିଟର ବାତିଲ କରିବା, ସରକାର ବନ୍ଦ କରିଥିବା ସ୍କୁଲ ଅବିଳମ୍ବେ ଖୋଲିବା, ଶଗଡା ଗ୍ରାମର ଆଦିବାସୀ ସାହି ରାସ୍ତା ନିର୍ମାଣ କରିବା, ଭୋଗରାଇ ସମସ୍ତ ଡାକ୍ତର ଖାନାରେ ଡାକ୍ତର ନିଯୁକ୍ତି କରିବା, ମାଙ୍କଡ଼ ଉପଦ୍ରବ ବନ୍ଦ କରିବା, ଚନ୍ଦନେଶ୍ୱର-ଜଳେଶ୍ୱର ରେଳ ଲାଇନ ନିର୍ମାଣ କରିବା, ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆଦି ଦାବୀରେ ଫେବୃଆରୀ ୨୮ ତାରିଖ ଦିନ ବ୍ଲକ ସମ୍ମୁଖରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ଭୋଗରାଇ ଲୋକାଲ କମିଟି ଉଦ୍ୟମରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାକୁ ଲୋକାଲ ସମ୍ପାଦିକା କମ୍ରେଡ କ୍ରିଷ୍ଣାରାଣୀ ସାହୁ ପରିଚାଳନା କରିଥିଲେ। ଲୋକାଲ କମିଟି ସଭ୍ୟ ହରେକୃଷ୍ଣ ଦାସ, ସସ୍ମିତା ମହାନ୍ତି, ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଉମାକାନ୍ତ ଦାସ ଓ ବିକ୍ଷୋଭକାରୀ କଳ୍ପନା ଦାସ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଜିଲ୍ଲା ସମ୍ପାଦକ କମ୍ରେଡ ନିରାକାର ପାଣ୍ଡବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରି କହିଥିଲେ, ସମସ୍ତ କିଛି ସମସ୍ୟର ସମାଧାନ ପାଇଁ ଐକ୍ୟ ବଦ୍ଧ ଆନ୍ଦୋଳନ ସଂଗଠିତ କରିବାକୁ ହେବ। କମ୍ରେଡ ହରେକୃଷ୍ଣ ଦାସଙ୍କ ନେତୃତ୍ୱରେ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ବେଳେ କମ୍ରେଡ ସସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଭୂମିହୀନ ମାନଙ୍କୁ ଜମି ପଟ୍ଟା ଦେବା ଦାବିରେ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ସେହିଭଳି କମ୍ରେଡ କ୍ରିଷ୍ଣାରାଣୀ ସାହୁଙ୍କ ନେତୃତ୍ୱରେ ଶଗଡା ଗ୍ରାମରେ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଦାବୀ ପତ୍ର ଦିଆଯାଇଥିଲା।

## କେନ୍ଦ୍ର ବଜେଟ ୨୦୨୫ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଆଦାୟର ପ୍ରାୟ ଶତକଡ଼ା ୪୦ ଭାଗ ଖର୍ଚ୍ଚ କରିବାକୁ ପଡୁଛି। ବର୍ତ୍ତମାନ ଦେଖାଯାଉ କେନ୍ଦ୍ରୀୟ ବଜେଟରେ , ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କଣ କରାଯାଇଛି ? ସରଳ ଭାଷାରେ କହିଲେ ଦରବୃଦ୍ଧି ରୋକିବା ପାଇଁ କଣ କରାଯାଇଛି ? ନା, ସରକାର ଏଥିପାଇଁ ଚିନ୍ତିତ ନୁହଁନ୍ତି। ସରକାରଙ୍କ ଅନୁଗତ ବିଶେଷଜ୍ଞ ମାନେ ହିସାବ ପତ୍ର କରି ଦେଖେଇ ଦେଉଛନ୍ତି ଯେ ମୁଦ୍ରସ୍ଫୀତି ପୁରାପୁରି ନିୟନ୍ତ୍ରଣରେ ରହିଛି। ପାଠକ ମାନଙ୍କର ସ୍ମରଣ ଥିବ ୨୦୨୪ ସେପଟେମ୍ବର-ଅକ୍ଟୋବର ମାସ ବେଳକୁ ଦେଶର ନୀତି ଆୟୋଗ ଓ ରିଜର୍ଭ ବ୍ୟାଙ୍କ୍ ଘୋଷଣା କରିଥିଲା ଯେ, ମୋଦି ସରକାର ଦେଶର ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇଛି।ସେଇ ସମୟରେ ଆଉ ଗୋଟିଏ ମିଥ୍ୟା ସରକାରୀ ଭାବରେ ପ୍ରଚାର କରାଗଲା ଯେ ଦେଶର ଲୋକଙ୍କ ଆୟ ବୃଦ୍ଧି ହୋଇଚି। ସୁତରାଂ ସରକାରଙ୍କ ଯୁକ୍ତି ହେଉଛି, ସାମାନ୍ୟ ଅଧିକ ଦାମ ଦେଇ ଲୋକ ଖାଉଟି ସାମଗ୍ରୀ କିଣିବେ ନାହିଁ କାହିଁକି ? ବର୍ତ୍ତମାନ ଆସନ୍ତୁ ଏସବୁ ପ୍ରଚାରର ଅସଲ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା। ପରିସଂଖ୍ୟାନରେ ଏହି ଭଳି ଜାଲିଆତି କରି ସରକାର ବ୍ୟାଙ୍କ୍ ଋଣ ଉପରେ ସୁଧ ହାର ହ୍ରାସ କରିଛନ୍ତି ଏବଂ ଋଣ ଖିଲାପୀ ବଡ଼ କର୍ପୋରେଟ ହାଉସ ମାନଙ୍କୁ କମ୍ ସୁଧରେ ଆହୁରି ବିପୁଳ ପରିମାଣର ଋଣ ନେବାକୁ ଉତ୍ସାହିତ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ,ଭାରତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୦୧୪-୧୫ ରୁ ଆରମ୍ଭ କରି ଗତ ନଅଟି ଆର୍ଥିକ ବର୍ଷରେ ମୋଟ ୧୪.୫୬ ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି। ବର୍ତ୍ତମାନ ସେଇ ଋଣ ଖିଲାପୀ ମାନଙ୍କୁ ସରକାର ଯାଚି ଯାଚି ଆହୁରି ଋଣ ଦେଉଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ଏକଚାଟିଆ ପଞ୍ଜିପତିମନେ କମ୍ ସୁଧରେ ନୂଆ ଋଣ ପାଇଲେ ଏହି ଅର୍ଥ ଉତ୍ପାଦନ ପାଇଁ ବିନିଯୋଗ କରିବେ। ଏହା ଫଳରେ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମାତ୍ର ବାସ୍ତବରେ ଏହି ଅର୍ଥ ଉତ୍ପାଦନ ଉଦ୍ଦେଶ୍ୟରେ ବିନିଯୋଗ ପାଇଁ ନୁହେଁ ବରଂ ଫଟକା ବଜାର ବା ଷ୍ଟକ୍ ବଜାର, ଅସ୍ତ୍ରଶସ୍ତ୍ର ନିର୍ମାଣ ଏବଂ ରାସ୍ତା, ସେତୁ ଏବଂ ଖଣି ଭଳି ସରକାରୀ ଭିତ୍ତିଭୂମିକୁ ଦଖଲ କରିବା ପାଇଁ ବ୍ୟୟ କରାଯାଉଛି। ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବାପାଇଁ ସରକାରୀ କଳକାରଖାନା ଓ ପ୍ରାକୃତିକ ସମ୍ପଦକୁ ଘରୋଇ ବ୍ୟବସାୟୀ ମାନଙ୍କୁ ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବା କୁ ସରକାରୀ ସମ୍ପତ୍ତିର ମୁଦ୍ରୀକରଣ (Monetisation) ବୋଲି କୁହାଯାଉଛି।

ବଜେଟ୍ ଉପସ୍ଥାପନାର ଗୋଟିଏ ଦିନ ପୂର୍ବରୁ ଆର୍ଥିକ ସର୍ଭେ ୨୦୨୫ ରେ ଉଲ୍ଲେଖ କରାଯାଇଛି ଯେ କର୍ପୋରେଟ ମାନଙ୍କର ମୁନାଫା ବହୁଗୁଣ ବୃଦ୍ଧି ପାଇଥିଲେ ମଧ୍ୟ କର୍ମଚାରୀ ମାନଙ୍କର ଦରମା ହ୍ରାସ ପାଇଛି। ସୂଚନାଯୋଗ୍ୟ କେନ୍ଦ୍ର ବିଜେପି ସରକାର କର୍ପୋରେଟ ଟିକସ ହାର ବ୍ୟାପକ ହ୍ରାସ କରି କର୍ପୋରେଟ ଏକଚାଟିଆ ପୁଞ୍ଜିପତି ମାନଙ୍କୁ ଲାଭର ପାହାଡ ସୃଷ୍ଟି କରିବାର ନିରଙ୍କୁଶ ସୁଯୋଗ ଦେଇଛି। ମାତ୍ର ଏହି କର୍ପୋରେଟ ମାନେ ପୁଞ୍ଜି ବିନିଯୋଗ କରୁନାହାନ୍ତି, ନୂଆ ରୋଜଗାର ସୃଷ୍ଟି କରୁନାହାନ୍ତି କିମ୍ବା ସେହି କମ୍ପାନୀ ମାନଙ୍କରେ କାମ କରୁଥିବା କର୍ମଚାରୀଙ୍କ ଦରମା ବୃଦ୍ଧି କରୁନାହାନ୍ତି। ବରଂ ବ୍ୟାପକ କର୍ମଚାରୀ ଛଟେଇ ଚାଲିଛି, କର୍ମଚାରୀଙ୍କ ବେତନ ହ୍ରାସ ପାଉଛି କିମ୍ବା ସ୍ଥିର ରହିଛି। ଅନ୍ୟ ଦିଗରେ ଏହି ଅର୍ଥନୈତିକ ସର୍ଭେ ଅନୁଯାୟୀ ଦେଶର ପୁରୁଷ ଶ୍ରମିକଙ୍କ ମାସିକ ହାରାହାରି ମଜୁରୀ ୨୦୨୩-୨୪ ମସିହାରେ ୧୧,୮୫୮ ଟଙ୍କା ଥିଲା। ଏହି ମଜୁରୀ ୨୦୧୭-୧୮ରେ ୧୨,୬୬୫ ଟଙ୍କା ଥିଲା। ଅର୍ଥାତ୍ ପୁରୁଷ ଶ୍ରମିକ ମାନଙ୍କ ଆୟ ବିଗତ ୫-୬ ବର୍ଷ ମଧ୍ୟରେ ୬.୪ ପ୍ରତିଶତ ହ୍ରାସ ପାଇଛି। ମହିଳା ଶ୍ରମିକଙ୍କ ମଜୁରୀ , ୨୦୧୭-୧୮ରେ ୧୦,୧୧୬ ଟଙ୍କା ଥିଲାବେଳେ ୨୦୨୩- ୨୪ ମସିହାରେ ୧୨.୫ ପ୍ରତିଶତ ହ୍ରାସ ପାଇ ୮,୮୫୫ ଟଙ୍କାରେ ପହଂଚିଛି। ମାତ୍ର ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଏହାର ଗୋଟିଏ ଦିନ ପରେ ସେଇ ସମାନ ବ୍ୟକ୍ତି, ଅର୍ଥାତ୍ କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ ଦେଶର ବିକାଶର ଗୋଲାପି ଚିତ୍ର ପରିବେଷଣ କରିବାପାଇଁ ଲଜ୍ଜା ବୋଧ କରି ନାହାନ୍ତି। ଏହି ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ। କର୍ପୋରେଟ ମାନଙ୍କର ଅକଳ୍ପନୀୟ ମୁନାଫା ସତ୍ତ୍ୱେ, ବଜେଟ ଆକଳନ ଅନୁଯାୟୀ ସରକାରଙ୍କ ଟିକସ ପାଣ୍ଠିରେ କର୍ପୋରେଟ୍ ଟିକସ ଅବଦାନ ଶତକଡା ୧୭ ଭାଗକୁ ହ୍ରାସ ପାଇଛି। ପୁଣି ବ୍ୟକ୍ତିଗତ ଆୟକର ବୃଦ୍ଧି ପାଇ ସରକାରଙ୍କ ମୋଟ କର ରାଜସ୍ୱର ଶତକଡା ୨୨ ଭାଗ ରେ ପହଂଚିଛି। ଏହାର ଅର୍ଥ କ'ଣ ? ଏହାର ଅର୍ଥ ହେଉଚି କେନ୍ଦ୍ର ସରକାର କର୍ପୋରେଟ ମାନଙ୍କୁ ଶ୍ରମିକ ମାନଙ୍କ ରକ୍ତ ଶୋଷଣ କରି ସୀମାହୀନ ମୁନଫା ଲୁଟର ସୁଯୋଗ ଦେଉଥିଲା ବେଳେ ସାଧାରଣ ଲୋକଙ୍କ ଉପରେ ଅସହ୍ୟ କର ଭାର ଲଦି ଦେଇଛି।

ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଯଥେଷ୍ଟ ହ୍ରାସ ସତ୍ତ୍ୱେ ପେଟ୍ରୋଲ-ଡିଜେଲ ଉପରେ ଅତ୍ୟଧିକ କର ଟିକସ ଓ ସେସ୍ ବୃଦ୍ଧି ଯୋଗୁଁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି। ଏହା ଦରବୃଦ୍ଧିର ଅନ୍ୟତମ କାରଣ। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

### ଉତ୍କଟ ବେକାରୀ ସମସ୍ୟାର ସମାଧାନ ପାଇଁ କୌଣସି ବ୍ୟବସ୍ଥା ନାହିଁ

ବେକାରୀ ଦ୍ରୁତ ବୃଦ୍ଧି ପାଉଛି। ଗତ ୫୦ ବର୍ଷ ମଧ୍ୟରେ ଦେଶର ବେକାରୀ ସର୍ବାଧିକ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ୨୦-୨୪ ବୟସ ଗୋଷ୍ଠୀରେ ବେକାରୀ ହାର ଶତକଡ଼ା ୪୪.୪୯ ଭାଗ । ଅନ୍ୟପକ୍ଷରେ, ୨୫-୨୯ ବୟସ ଗୋଷ୍ଠୀରେ ବେକାରୀ ହାର ଶତକଡ଼ା ୧୪.୩୩ । ସରକାରୀ ହିସାବ ଅନୁଯାୟୀ ଦେଶର ୩୨.୦୬ କୋଟି ଲୋକଙ୍କ ହାତରେ କୌଣସି କାମ ନାହିଁ। ଆନ୍ତର୍ଜାତୀୟ ଶ୍ରମ ସଂଗଠନ(ILO) ଏବଂ ଅନ୍ତର୍ଜାତୀୟ ମାନବ ବିକାଶ ପ୍ରତିଷ୍ଠାନ (IMDI) ର ମିଳିତ ଅଧ୍ୟୟନ ଅନୁଯାୟୀ, ବେରୋଜଗାର ମାନଙ୍କ ମଧ୍ୟରେ ଶିକ୍ଷିତ ଯୁବକ ଯୁବତୀଙ୍କ ଅଂଶ ୨୦୦୦ ମସିହାରେ ଶତକଡା ୫୪ ଭାଗ ଥିଲାବେଳେ ୨୦୨୨ ମସିହାରେ ଏହା ବୃଦ୍ଧିପାଇ ଶତକଡା ୬୬ ଭାଗରେ ପହଂଚିଛି। କିନ୍ତୁ ନୂତନ ନିଯୁକ୍ତି ସୃଷ୍ଟି ପାଇଁ କେନ୍ଦ୍ରୀୟ ବଜେଟରେ କୌଣସି ଠୋସ ପଦକ୍ଷେପ ଘୋଷଣା କରାଯାଇ ନାହିଁ। ଆହୁରି ମଧ୍ୟ ସରକାରୀ ହିସାବ ଅନୁଯାୟୀ ମାର୍ଚ୍ଚ ୨୦୨୩ ସୁଦ୍ଧା, କେନ୍ଦ୍ର ସରକାରଙ୍କ ଅଧିନରେ ୯.୭ ଲକ୍ଷରୁ ଅଧିକ ସ୍ଥାୟୀ ସରକାରୀ ପଦବୀ ଖାଲି ଥିଲା, ଯାହା ମୋଟ ମଞ୍ଜୁର ପଦବୀର ପ୍ରାୟ ଶତକଡା ୨୪ ଭାଗ। ଏହା ବ୍ୟତୀତ ରେଳବାଇରେ ୩.୫ ଲକ୍ଷରୁ ଅଧିକ ସ୍ଥାୟୀ ପଦ ଖାଲି ପଡ଼ିଛି। କିନ୍ତୁ ବିତ୍ତ ମନ୍ତ୍ରୀ ଖାଲି ପଡ଼ିଥିବା ଏହି ପଦ ଗୁଡିକ ପୁରଣ କରିବାପାଇଁ କୌଣସି ଘୋଷଣା କରିନାହାନ୍ତି।

ଆଉ ଗୋଟିଏ ମିଥ୍ୟା ପ୍ରଚାର ଆମ ଦେଶରେ ଦଶନ୍ଧି ଦଶନ୍ଧି ଧରି ଚାଲିଛି। ପ୍ରଚାର ହେଉଚି ଦେଶରେ ଚାକିରିର ଅଭାବ ନାହିଁ ମାତ୍ର ଯୁବକ ଯୁବତୀମାନଙ୍କର ଉପଯୁକ୍ତ ଦକ୍ଷତା(Skill) ନଥିବାରୁ ସେମାନଙ୍କୁ ଚାକିରି ମିଳୁନାହିଁ। ସୁତରାଂ ଚାକିରି ଆଶାୟୀ ମାନେ ନିଜକୁ ଦକ୍ଷ କରିବା ଦରକାର। ଏଥିପାଇଁ ବହୁତ୍ ହୋ ହାଲ୍ଲା ହେଉଚି। କେନ୍ଦ୍ର ସରକାର ଏଥିପାଇଁ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି। ହେଲେ ରୋଗର ମୂଳ କାରଣ ଅନ୍ୟ ଜାଗାରେ ରହିଛି। କୌଣସି ସରକାର ଲୋକଙ୍କୁ ସତ କୁହନ୍ତି ନାହିଁ। ଗୋଟିଏ ସରଳ ବିଷୟ ସମସ୍ତେ ବୁଝିବା ଆବଶ୍ୟକ। ଦେଶରେ ଯଦି ନିଯୁକ୍ତି ସୁଯୋଗ କ୍ରମାଗତ ହ୍ରାସ ପାଏ ତାହେଲେ ଯେତେ ଦକ୍ଷତା ବୃଦ୍ଧି ହେଲେବି ବେକାରୀ ମାନଙ୍କୁ କଣ କାମ ମିଳି ପାରିବ ? ଗତ ବର୍ଷ ବଜେଟରେ ଅର୍ଥମନ୍ତ୍ରୀ 'ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା' ଘୋଷଣା କରିଥିଲେ। ଚାକିରି ଆଶାୟୀ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବା ପାଇଁ ଭାରତର ଶ୍ରେଷ୍ଠ ୫୦୦ କମ୍ପାନୀରେ ସେମାନଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ସେତେବେଳେ କେନ୍ଦ୍ର ବିତ୍ତ ମନ୍ତ୍ରୀ କହିଥିଲେ। ଏହି ଇଣ୍ଟର୍ନଶିପ କଲେ ଚାକିରି ଆଶାୟୀ ମାନଙ୍କର ନିଯୁକ୍ତିଯୋଗ୍ୟତା (Employability) ବୃଦ୍ଧି ପାଇବ ବୋଲି କୁହାଯାଇ ଥିଲା। ଏହି ଯୋଜନାରେ ପାଞ୍ଚ ବର୍ଷ ମଧ୍ୟରେ ଏକ କୋଟି ଯୁବକଙ୍କୁ ଇଣ୍ଟର୍ନସିପ୍ ଦେବା ପାଇଁ ଲକ୍ଷ୍ୟ ଘୋଷଣା କରାଯାଇଥିଲା । କିନ୍ତୁ ଚଳିତ ବଜେଟରେ, ଏହି ବହୁ ଚର୍ଚ୍ଚିତ ଯୋଜନାର କୌଣସି ଉଲ୍ଲେଖ ନାହିଁ।

ବାସ୍ତବରେ ବେକାରୀ ମାନଙ୍କୁ କାମ ଯୋଗାଇବା ଦାୟିତ୍ୱ ଏବେ ସରକାର କର୍ପୋରେଟ୍ ହାଉସ୍ ଉପରେ ଛାଡି ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ - ୨୪ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକରେ, କର୍ପୋରେଟ୍ ହାଉସ ମାନଙ୍କ ଦ୍ୱାରା ଘୋଷଣା କରାଯାଇଥିବା ନୂତନ ନିବେଶ ମାତ୍ର ୪୪,୦୦୦ କୋଟି ଟଙ୍କା ଥିଲା - ଯାହା ଗତ ୨୦ ବର୍ଷ ମଧ୍ୟରେ ସବୁଠାରୁ କମ୍। ୨୦୨୩- ୨୪ ରେ ଘରୋଇ ପୁଞ୍ଜିନିବେଶ ଶତକଡା ୧୫.୦୩ ଭାଗ ହ୍ରାସ ପାଇଥିଲା। ଚଳିତ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୨୪- ୨୫ ଆର୍ଥିକ ବର୍ଷରେ ଏହି ପୁଞ୍ଜିନିବେଶ ଆହୁରି ହ୍ରାସ ପାଇବ ବୋଲି ଆଶଙ୍କା କରାଯାଇଛି। ମୁଖ୍ୟତଃ ଉତ୍ପାଦନ ହ୍ରାସ , କମି ଚାଲିଥିବା କର୍ପୋରେଟ୍ ନିବେଶ, ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ ଏବଂ ଘରୋଇ ଚାହିଦା ହ୍ରାସ ଭଳି କାରଣଗୁଡ଼ିକ ଯୋଗୁ ଚଳିତ ବର୍ଷ ଅଭିବୃଦ୍ଧି ହାର କମିବ ବୋଲି ଆଶଙ୍କା କରାଯାଉଥିଲା। ଏହି ଆଶଙ୍କା ସତ୍ୟ ପ୍ରମାଣିତ ହୋଇଚି। ସରକାରୀ ଏଜେନ୍ସିଗୁଡ଼ିକ ରିପୋର୍ଟ କରିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ୨.୫ କୋଟିରୁ ଅଧିକ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପ ବନ୍ଦ ହୋଇଯାଇଛି ଯାହା ଫଳରେ ୧୨ କୋଟି ଲୋକ ବେକାର ହୋଇଛନ୍ତି। ତେଣୁ, ଘରୋଇ କ୍ଷେତ୍ର ଦ୍ୱାରା ବହୁ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି ଏକ ମରିଚିକା ମାତ୍ର।

### ବଜେଟରେ ଚାଷୀର ଦୁଃଖ ଦୂର କରିବାର କୌଣସି ବ୍ୟବସ୍ଥା ନାହିଁ

ବଜେଟ ଅଭିଭାଷଣରେ ବିତ୍ତ ମନ୍ତ୍ରୀ ଭାରତକୁ ସାରା ବିଶ୍ୱର ଖାଦ୍ୟ ଝୁଡ଼ିରେ ପରିଣତ କରିବେ ବୋଲି ଘୋଷଣା କରିଛନ୍ତି। ମାତ୍ର ବଜେଟରେ ଦେଶର ଚାଷୀ ମାନଙ୍କ ଅବସ୍ଥାର ଉନ୍ନତି ପାଇଁ କିମ୍ବା ଚାଷୀ ମାନଙ୍କର ଦୀର୍ଘ ଦିନର ଦାବି ପୁରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ୨୦୨୪- ୨୫ ମସିହାର ସଂଶୋଧିତ ବଜେଟ୍ ଆକଳନ ଅନୁଯାୟୀ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ହୋଇଥିବା ଖର୍ଚ୍ଚ ୩,୭୬,୭୨୦.୪୧ କୋଟି ଟଙ୍କା ଥିଲା ଏବଂ ୨୦୨୫-୨୬ ବଜେଟ୍ ରେ, ଆନୁମାନିକ ପରିମାଣ ୩,୭୧,୬୮୭.୩୫ କୋଟି ଟଙ୍କା, ଯାହା ପୂର୍ବ ବର୍ଷ ତୁଳନାରେ ୫୦୪୨.୦୬ କୋଟି ଟଙ୍କା କମ୍। ୨୦୨୪-୨୫ ର ସଂଶୋଧିତ ଆକଳନ ତୁଳନାରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ପାଇଁ ଆବଣ୍ଟନ ଚଳିତ ବର୍ଷ ୩୯୦୫.୦୫ କୋଟି ଟଙ୍କା ହ୍ରାସ ପାଇଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହା କୃଷି କ୍ଷେତ୍ର ପାଇଁ ଅର୍ଥ ଆବଣ୍ଟନ କ୍ଷେତ୍ରରେ ବ୍ୟାପକ ହ୍ରାସ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ବହୁ ପ୍ରଚାରିତ ଯୋଜନା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୬,୮୬୪.୦୦ ବ୍ୟୟ ବରାଦ କରାଯାଇଥିଲାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨,୨୪୨.୨୭ କୋଟି ବ୍ୟୟ ବରାଦ କରାଯାଇଛି। ଅର୍ଥାତ୍ ଏ କ୍ଷେତ୍ରରେ ୪୬୧୨.୭୩ କୋଟି ଟଙ୍କା ବଜେଟ ହ୍ରାସ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ସାର ସବସିଡି ପାଇଁ ୧.୬୭ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ଆକଳନ ଅପେକ୍ଷା ଏହି ରାଶି ୧.୭୧ ଲକ୍ଷ କୋଟି ଟଙ୍କା କମ୍। ସାର ସବସିଡି ହ୍ରାସ ପାଇବା ଦ୍ୱାରା ଚାଷୀଙ୍କର ଚାଷ ପାଇଁ ଖର୍ଚ୍ଚ ଆହୁରି ବୃଦ୍ଧି ପାଇବ। ଅନ୍ୟ ପଟରେ ସ୍ୱାମୀନାଥନ୍ କମିଶନର ସୁପାରିଶ ଅନୁଯାୟୀ ଫସଲର ଏମଏସପି ଧାର୍ଯ୍ୟ କରିବା କିମ୍ବା ଏମଏସପିକୁ ଆଇନ ସମ୍ମତ କରିବା ପାଇଁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

### ଶିକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟୟ ବରାଦ ହ୍ରାସ ପାଇଛି

କ୍ରମବର୍ଦ୍ଧମାନ ଘରୋଇକରଣ, ବହୁ ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେବା, ସର୍ବନିମ୍ନ ଭିତ୍ତିଭୂମି ଏବଂ ସରକାରୀ ସ୍କୁଲରେ ଶିକ୍ଷକ ଅଭାବ, ପାଠ୍ୟକ୍ରମର ମାନ ହ୍ରାସ, ବିଚିତ୍ର ସେମିଷ୍ଟର ଏବଂ ପସନ୍ଦ ଆଧାରିତ କ୍ରେଡିଟ୍ ସିଷ୍ଟମ, ବଢ଼ି ଚାଲିଥିବା ଫିସ, ଶିକ୍ଷାଗତ ସ୍ୱାୟତ୍ତତାର ଅଭାବ ଇତ୍ୟାଦି ସମସ୍ୟାରେ ଘେରି ହୋଇ ରହିଥିବା ଶିକ୍ଷା କ୍ଷେତ୍ର ପାଇଁ ଚଳିତ ବଜେଟରେ ୧,୨୮,୬୫୦.୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଯାହା ମୋଟ ବଜେଟର ମାତ୍ର ଶତକଡ ୨.୫୪ ଭାଗ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ପାଇଁ ଆବଣ୍ଟିତ ବଜେଟ୍ ଯଥାକ୍ରମେ ଶତକଡ଼ା ୪୭ ଭାଗ ଏବଂ ଶତକଡ଼ା ୫୦ ଭାଗ ହ୍ରାସ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପାଇଁ ୯୫୦୩ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ମୁଦ୍ରାସ୍ଫିତିକୁ ବିଚାରକୁ ନେଲେ, ଏହି ଖର୍ଚ୍ଚ ବାସ୍ତବରେ ହ୍ରାସ ପାଇଛି। ଅନ୍ୟ ଦିଗରେ ଭାରତର ସମସ୍ତ ମାଧ୍ୟମିକ ବିଦ୍ୟାଳୟ ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟଗୁଡ଼ିକ ପାଇଁ କରାଯାଉଥିବା ଖର୍ଚ୍ଚର ଅଧାରୁ କମ୍। ଯେତେବେଳେ କେନ୍ଦ୍ର ବିତ୍ତ ମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ପାଇଁ, 'ବିକଶିତ ଭାରତ ଯୋଜନା ମଧ୍ୟରେ ଶତକଡା ୧୦୦ ଗୁଣବତ୍ତା ସମ୍ପନ୍ନ ସ୍କୁଲ ଶିକ୍ଷା ପ୍ରଦାନ ମଧ୍ୟ ଅନ୍ତର୍ଭୁକ୍ତ। ମାତ୍ର ଶିକ୍ଷା କ୍ଷେତ୍ରରେ ବଜେଟ ଆବଣ୍ଟନରେ ବୃଦ୍ଧି ହାର ସର୍ବନିମ୍ନ । ଏହା ହିଁ ସବୁଠାରୁ ବଡ଼ ବିଡମ୍ବନା। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ନୂଆ ଶିକ୍ଷା ନୀତି-୨୦୨୦ ବଜେଟର ଶିକ୍ଷାପାଇଁ ସର୍ବନିମ୍ନ ଶତକଡା ୬ ଭାଗ ଖର୍ଚ୍ଚ କରିବାପାଇଁ ସୁପାରିଶ କରିଛି। ମାତ୍ର ବାସ୍ତବତା ଭିନ୍ନ ଧରଣର ଯେତେବେଳେ ଦେଶର ଲକ୍ଷ ଲକ୍ଷ ସରକାରୀ ବିଦ୍ୟାଳୟରେ ଚକ୍, ଡଷ୍ଟର ଏବଂ ବ୍ଲାକ୍‌ବୋର୍ଡ ତିଆରି କରିବା, ଶୌଚାଳୟ ତିଆରି କରିବା କିମ୍ବା ଭଙ୍ଗା କୋଠା ମରାମତି କରିବା ପାଇଁ କୌଣସି ପାଣ୍ଠି ନାହିଁ, ସେତେବେଳେ ଅର୍ଥମନ୍ତ୍ରୀ ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ 'ବ୍ରଡ୍‌ବ୍ୟାଣ୍ଡ ସଂଯୋଗ' କରାଯିବ ବୋଲି ଘୋଷଣା କରିଛନ୍ତି। ଏହାଠାରୁ ବଡ ବିଡମ୍ବନା ଆଉ କଣ ଥାଇପାରେ ? ସରକାରୀ ହିସାବ ଅନୁଯାୟୀ ମାଧ୍ୟମିକ ସ୍କୁଲ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ହାର ଶତକଡ଼ା ୧୦.୯। କିନ୍ତୁ ଏହାର ନିରାକରଣ ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ସାମଗ୍ରୀ(Commodity)ଭାବରେ ବିକ୍ରୟ କରି ପ୍ରଚୁର ଲାଭ ଅର୍ଜନ କରିବା ପାଇଁ ଶୈକ୍ଷିକ କ୍ଷେତ୍ରରେ ନିର୍ଣ୍ଣାୟକ ଭାବରେ ପ୍ରବେଶ କରିବାକୁ ଘରୋଇ ଅପରେଟରମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଏହା ମଧ୍ୟ ଉଲ୍ଲେଖନୀୟ ଯେ କେବଳ ଶିକ୍ଷା ବ୍ୟବସାୟୀ ମାନଙ୍କ ଦ୍ୱାରା ପରିଚାଳିତ ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କରେ ଗବେଷଣା ଓ ବିକାଶ ପାଇଁ ଚଳିତ ବଜେଟରେ ବିଜ୍ଞାନ ଓ କାରିଗରୀ ବିଭାଗ(DST)କୁ ୨୦,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## କେନ୍ଦ୍ର ବଜେଟ ୨୦୨୫ . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

### ଶିଶୁ ମାନଙ୍କ ମଧ୍ୟରେ ଉଦ୍‌ବେଗଜନକ ଭାବରେ ବଢ଼ି ଚାଲିଥିବା ଅପପୁଷ୍ଟି ରୋକିବା ପାଇଁ ବଜେଟରେ ବ୍ୟବସ୍ଥା ନାହିଁ

'ପୋଶଣ ଟ୍ରାକର' ଦ୍ୱାରା ଅକ୍ଟୋବର ୨୦୨୪ରେ ଜାରୀ ତଥ୍ୟ ଅନୁଯାୟୀ, ଜନ୍ମରୁ ୬ ବର୍ଷ ବୟସ୍କ ଦେଶର ୮.୮୨ କୋଟି ପିଲାଙ୍କ ମଧ୍ୟରୁ ଶତକଡ଼ା ୩୭ ଭାଗ ପିଲାଙ୍କ ଓଜନ କମ୍ ଏବଂ ସେହି ବୟସ ଗୋଷ୍ଠୀର ଶତକଡା ୧୭ ଭାଗ ଶିଶୁଙ୍କର ଉଚ୍ଚତା କମ୍ ବୋଲି ଜଣାପଡ଼ିଛି। ପ୍ରତିବର୍ଷ ପ୍ରାୟ ୮.୮ ଲକ୍ଷ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁବରଣ କରନ୍ତି। ୨୦୨୧ ରେ, ୨୪ ଲକ୍ଷ ପିଲା କୁପୋଷଣ ଯୋଗୁଁ ମୃତ୍ୟୁବରଣ କରିଥିଲେ। କିନ୍ତୁ ବିଦ୍ୟାଳୟ ମାନଙ୍କରେ 'ଜାତୀୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ' ଯୋଜନା ପାଇଁ ୧୨,୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଯାହା ୨୦୨୪ ମସିହା ପାଇଁ କରାଯାଇଥିବା ବ୍ୟୟବରାଦ ଠାରୁ ମାତ୍ର ଶତକଡ଼ା ୦.୨୬ ଅଧିକ, ଅର୍ଥାତ୍ ବାସ୍ତବରେ ଗତବର୍ଷ ତୁଳନାରେ କମ୍। ୨୦୨୪ -୨୫ ମସିହାରେ ଅଙ୍ଗନୱାଡ଼ି ଏବଂ ପୋଷଣ ୨ ଯୋଜନା ପାଇଁ ସଂଶୋଧିତ ଆକଳନ ୨୦୦୭୦. ୯୦ କୋଟି ଟଙ୍କା ଥିଲାବେଳେ ସେବର୍ଷ ବଜେଟରେ ଏଥିପାଇଁ ୨୧୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ୨୦୨୫-୨୬ ବଜେଟରେ ୨୧,୯୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେଣୁ, ଏହି କାର୍ଯ୍ୟକ୍ରମ ପାଇଁ ଗତ ବର୍ଷ ତୁଳନାରେ ଚଳିତ ବର୍ଷର ବ୍ୟୟବରାଦରେ ପ୍ରକୃତ ଅର୍ଥରେ ଶତକଡା ୨.୭ ହ୍ରାସ ଘଟିଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପାଇଁ, ଗତ ବର୍ଷର ବଜେଟ୍ ଆବଣ୍ଟନ ତୁଳନାରେ ଚଳିତ ବର୍ଷ ପ୍ରାୟ ଶତକଡ଼ା ୩ ଭାଗ କମ୍ ବ୍ୟୟବରାଦ ହୋଇଛି। ୨୦୨୪ ଶିଶୁ ପୁଷ୍ଟି ରିପୋର୍ଟ (Child Nutition Report) ଅନୁଯାୟୀ, ଭାରତରେ ଗୁରୁତର ଖାଦ୍ୟାଭାବର ଶିକାର ହେଉଥିବା ଶିଶୁ ମାନଙ୍କ ସଂଖ୍ୟା ସମଗ୍ର ଦକ୍ଷିଣ ଏସିଆରେ ଦ୍ୱିତୀୟ। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଭାରତର ଶିଶୁମାନେ ଅଧିକରୁ ଅଧିକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ, ମଧ୍ୟାହ୍ନ ଭୋଜନ ପାଇଁ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ୬.୧୯ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ୯.୨୯ ଟଙ୍କା ଖର୍ଚ୍ଚ କରାଯାଉଛି। ବର୍ତ୍ତମାନର ବଜାର ଦରରେ ଏତିକି ଟଙ୍କା ରେ କି ପ୍ରକାର ପୁଷ୍ଟିକର ଖାଦ୍ୟ ଯୋଗାଇ ପାରିବ ସେକଥା କାହାକୁ ବୁଝାଇ କହିବାର ଆବଶ୍ୟକତା ନାହିଁ।

### ସ୍ୱାସ୍ଥ୍ୟସେବା ପୂର୍ବଭଳି ଅବହେଳିତ

ଦେଶର ମୋଟ ଆୟ(GDP)ର ମାତ୍ର ଶତକଡ଼ା ୦.୨୯ ଭାଗ ସରକାର ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛନ୍ତି। ଗତ ବର୍ଷ ସ୍ୱାସ୍ଥ୍ୟସେବା ବଜେଟ ୯୦,୯୫୮.୬୩ କୋଟି ଟଙ୍କା ଥିଲା, ମାତ୍ର ପରେ ଏହାକୁ ସଂଶୋଧିତ କରି ୮୦,୫୧୭.୬୨ କୋଟି କରାଗଲା ଅର୍ଥାତ୍ ସ୍ୱାସ୍ଥ୍ୟସେବା ବଜେଟ ଶତକଡା ୧୧ ଭାଗ ହ୍ରାସ କରାଗଲା। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟ ସେବା ପାଇଁ ୯୯,୮୫୬.୫୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଚଳିତ ବର୍ଷ ଯଦି ପୂର୍ବ ବର୍ଷ ଭଳି ଏଥିରେ ଶତକଡ଼ା ୧୧ ଭାଗ ହ୍ରାସ କରାଯାଏ ତାହେଲେ ବ୍ୟୟର ପରିମାଣ ୮୮,୮୭୩. ୬୨ କୋଟି ଟଙ୍କା ହେବ, ଯାହା ଗତ ବର୍ଷର ଆବଣ୍ଟନ ତୁଳନାରେ ଶତକଡା ୨.୨୯ ଭାଗ କମ କମ୍। ଏଠାରେ ଉଲ୍ଲେଖଯୋଗ୍ୟ,ଏପ୍ରିଲ ୨୦୨୪ ରୁ ୮୦୦ ଟି ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ବୃଦ୍ଧି କରାଯାଇଥିଲା। ଅକ୍ଟୋବର ୨୦୨୪ ରେ ୮ଟି ଔଷଧର ମୂଲ୍ୟ ଶତକଡା ୫୦ ଭାଗ ବୃଦ୍ଧି କରାଯାଇଥିଲା। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ୨୦୧୮ ରେ, ଭାରତର ଘରୋଇ ହସ୍ପିଟାଲଗୁଡ଼ିକ ଔଷଧ ଏବଂ ଚିକିତ୍ସା ପାଇଁ ଆବଶ୍ୟକ ସାମଗ୍ରୀର ମୂଲ୍ୟ ୧୮ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ବିଭିନ୍ନ ଧରଣର ଔଷଧ ଉପରେ ଶତକଡା ୧୨ ହାରରେ ଜିଏସଟି (GST) ଆଦାୟ କରାଯାଉଛି। ଏହି ଟିକସ ବୋଝ ସାଧାରଣ ଲୋକଙ୍କ ଉପରେ ପଡୁଛି। ଏହି ପରିସ୍ଥିତିରେ ସାମାନ୍ୟ କେତେଟା ଔଷଧକୁ ମୌଳିକ କଷ୍ଟମ୍ସ ଡ୍ୟୁଟି (BCD) ରୁ ମୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି। ଯାହା ଫଳରେ କ୍ୟାନ୍ସର ଓ ଅନ୍ୟ କେତେକ ବିରଳ ରୋଗର ଔଷଧର ଦର ସାମାନ୍ୟ ହ୍ରାସ ହେବ। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଯେଉଁ ଦେଶର ଶତକଡା ୬୦ ଭାଗରୁ ଅଧିକ ଲୋକ ମାସକୁ ୫ କିଲୋ ମାଗଣା ରାସନରେ ବଂଚି ରହନ୍ତି, ସେହି ଦେଶର ସାଧାରଣ ଲୋକଙ୍କ ପାଇଁ ଏହି ଔଷଧ ଗୁଡ଼ିକ କେତେ ଦୂର ସୁଲଭ ?

ସରକାରୀ ଡାକ୍ତର ଖାନାରେ ବିନା ମୂଲ୍ୟରେ ଚିକିତ୍ସା, ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ପରିବର୍ତ୍ତେ କେନ୍ଦ୍ର ବିଜେପି ସରକାର ସମେତ ସମସ୍ତ ରାଜ୍ୟ ସରକାର ରୋଗୀଙ୍କୁ ଅଧିକରୁ ଅଧିକ ବୀମା ନିର୍ଭର କରିବାକୁ ଉଦ୍ୟମ କରୁଛନ୍ତି। ଲୋକଙ୍କୁ ଚିକିତ୍ସା ଯୋଗାଇବା ଆଳରେ ବୀମା ଭିତ୍ତିକ ଯୋଜନା ମାନ ପ୍ରଚଳନ କରୁଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଯେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବିଫଳ ତାହା ପୂର୍ବରୁ ପ୍ରମାଣିତ ହୋଇଛି।

ଆଉ ଏକ ଛଳନା ହେଉଛି କର୍କଟ ରୋଗୀଙ୍କ ପାଇଁ ଡେ-କେୟାର କ୍ଲିନିକ୍ ଖୋଲିବା। ଏହି ପ୍ରସ୍ତାବ ପୂର୍ବରୁ ଅନେକ ଥର ଘୋଷଣା କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ବର୍ତ୍ତମାନ, ପ୍ରତ୍ୟେକ ଜିଲ୍ଲା ହସ୍ପିଟାଲରେ ଏପରି ୬ ଟି ଲେଖାଏଁ ଶଯ୍ୟା ସୃଷ୍ଟି କରିବାପାଇଁ ଘୋଷଣା କରାଯାଇଛି। ଯାହାକୁ ବୃଦ୍ଧି କରାଯାଇ ଆସନ୍ତା ତିନି ବର୍ଷ ମଧ୍ୟରେ ୪୫୫୪ କରାଯିବ। ମାତ୍ର ଆମ ରାଜ୍ୟର ମେଡ଼ିକାଲ କଲେଜ ମାନଙ୍କରେ ଓ ଏକମାତ୍ର ସରକାରୀ କ୍ୟାନସର ଡାକ୍ତରଖାନାରେ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ମରୁଡ଼ି। ଗ୍ରାମାଂଚଳ ଓ ଜିଲ୍ଲା ସଦର ମହକୁମା ସ୍ତରୀୟ ଡାକ୍ତରଖାନା କଥା ନକହିବା ଭଲ। ବର୍ଷ ବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ସରକାର ସ୍ଥାୟୀ ଡାକ୍ତର ନିଯୁକ୍ତି କରୁନାହାନ୍ତି। ଏହି ପରିସ୍ଥିତିରେ ନୂଆ କରି ସୃଷ୍ଟି କରାଯାଉଥିବା କ୍ୟାନ୍ସର ଶଯ୍ୟା ଗୁଡ଼ିକର ପରିଚାଳନା କରିବ କିଏ ? ଏଥିପାଇଁ ଅର୍ଥ ଆସିବ କେଉଁଠୁ ? ବଜେଟ୍ ଭାଷଣରେ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ ମାନଙ୍କରେ ୧୦,୦୦୦ ଅତିରିକ୍ତ ସିଟ୍ ଯୋଡିବା ବିଷୟରେ ଘୋଷଣା କରାଯାଇଛି। କିନ୍ତୁ ଆମ ରାଜ୍ୟରେ ନୂଆ କରି ଖୋଲିଥିବା ମେଡିକାଲ କଲେଜ ଗୁଡ଼ିକର ଅବସ୍ଥା ଦେଖିଲେ ଏହି ଘୋଷଣାର ଭବିଷ୍ୟତ କଣ ହେବ ତାହା ଜଳ ଜଳ କରି ଦେଖାଯାଉଛି।

### ବ୍ୟକ୍ତିଗତ ଆୟକର ହ୍ରାସ ଘୋଷଣା ଏକ ଚାଲ ମାତ୍ର

ବର୍ତ୍ତମାନ ଆମେ ଏହି ବଜେଟ ର ସବୁଠାରୁ ଅଧିକ ପ୍ରଚାରିତ ବିଷୟ - ବାର୍ଷିକ ୧୨ ଲକ୍ଷ ଟଂକା ପର୍ଯ୍ୟନ୍ତ ବ୍ୟକ୍ତିଗତ ଆୟକର ହ୍ରାସ କରିବା ପ୍ରସଙ୍ଗରେ ଆଲୋଚନା କରିବା। ଗଣମାଧ୍ୟମରେ ଏହା ମୋଦୀଙ୍କର ମଧ୍ୟବିତ୍ତ ଜନସାଧାରଣଙ୍କ ପ୍ରତି ଅନୁକମ୍ପା ଭାବରେ ଚିତ୍ରଣ କରାଯାଉଛି। ଏଠାରେ ଆମେ ଆଉ ଏକ ବିଷୟ ପାଠକ ମାନଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରୁଛୁ। ବଜେଟ ଉପସ୍ଥାପନ ର ମାତ୍ର ଦୁଇ ଦିନ ପୂର୍ବରୁ, ଘରୋଇ ଉପଭୋକ୍ତା ଖର୍ଚ୍ଚ ସର୍ଭେ (Domestic Consumer Expenditure Survey) ଏହାର ୨୦୨୩-୨୪ ବର୍ଷର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରକାଶ କରିଛି। ଏହା ପ୍ରକାଶ କରିଛି ଯେ ଅତ୍ୟାବଶ୍ୟକ ସାମଗ୍ରୀର ଦର ସ୍ଥିର ରହିଲେ ଦେଶର ଗ୍ରାମାଂଚଳରେ ଗୋଟିଏ ୪ ଜଣିଆ ପରିବାରର ହାରାହାରି ମାସିକ ବ୍ୟୟ ୮୩୧୬ ଟଙ୍କା ହୋଇଥିଲାବେଳେ ସହରାଂଚଳରେ ଏହି ଭଳି ଏକ ପରିବାରର ମାସିକ ବ୍ୟୟ ୧୪୫୨୮ ଟଙ୍କା। ଏହାର ଅର୍ଥ ହେଉଚି ଗ୍ରାମାଂଚଳରେ ଗୋଟିଏ ପରିବାରର ବାର୍ଷିକ ଆୟ ୯୯,୭୯୨ ଟଙ୍କା ଏବଂ ସହରାଞ୍ଚଳରେ ୧,୭୪,୩୩୬ ଟଙ୍କା। ଏହା ବ୍ୟତୀତ ଗ୍ରାମାଂଚଳରେ ପରିବାରର ମୁଣ୍ଡପିଛା ବ୍ୟୟ ୧୪୦ ଟଙ୍କା,ସହରାଞ୍ଚଳରେ ଏହି ପରିମାଣ ଦୈନିକ ୨୩୦ ଟଙ୍କା। ଏହି ବିପୁଳ ସଂଖ୍ୟକ ଲୋକ ବିତ୍ତ ମନ୍ତ୍ରୀଙ୍କ ଆୟକର ଛାଡ ଦ୍ୱାରା କୌଣସି ପ୍ରକାର ଉପକୃତ ହେବେନାହିଁ। ଦେଶର ଜନସଂଖ୍ୟା ତୁଳନାରେ ଅତ୍ୟନ୍ତ ମୁଷ୍ଟିମେୟ ଲୋକ ଏହାଦ୍ୱାରା ସାମାନ୍ୟ ଉପକୃତ ହେବେ। ଏଠାରେ ଉଲ୍ଲେଖଯୋଗ୍ୟ ଆମ ଦେଶର ମାତ୍ର ଶତକଡା ୩.୨ କୋଟି ଲୋକ ଅର୍ଥାତ୍ ଜନ ସଂଖ୍ୟାର ମାତ୍ର ଶତକଡା ୨.୫ ଭାଗ ଲୋକଙ୍କର ବ୍ୟକ୍ତିଗତ ଆୟକର ରିଟର୍ଣ୍ଣ ଦାଖଲ କରନ୍ତି। ଏମାନଙ୍କ ମଧ୍ୟରୁ ଗୋଟିଏ ବଡ ଅଂଶ ବାସ୍ତବରେ ଆଦୌ କୌଣସି ଟିକସ ଦିଅନ୍ତି ନାହିଁ ବା ଜିରୋ ରିଟର୍ଣ୍ଣ ଦିଅନ୍ତି। ସ୍ୱାଭାବିକ ଭାବରେ ଏହି ଟିକସ ଦାତା ମାନଙ୍କ ମଧ୍ୟରୁ ଏକ ଅତ୍ୟନ୍ତ କ୍ଷୁଦ୍ର ଗୋଷ୍ଠୀ ଏହାଦ୍ୱାରା ଉପକୃତ ହେବେ।

### ବଜାର ଚାହିଦା ବୃଦ୍ଧି ପାଇବ କିଭଳି ?

ପାଠକମାନେ ଜାଣନ୍ତି ଏବଂ ଅତୀତରେ ସର୍ବହରା କ୍ରାନ୍ତିରେ ଆମେ ଆଲୋଚନା କରି ଦର୍ଶାଇଛୁ ଯେ ଆମ ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥା ର ଅନ୍ତର୍ନିହିତ ସଙ୍କଟ ଫଳରେ ତୀବ୍ର ବଜାର ସଙ୍କଟ ସୃଷ୍ଟି ହେଉଛି। ବଜାର ସଂକଟର ଅର୍ଥ ହେଉଛି ବଜାରରେ କ୍ରେତାର ଅଭାବ। ଉକ୍ତ ପୁଞ୍ଜିବାଦୀ ଶୋଷଣ ଫଳରେ ଦେଶର ସିଂହ ଭାଗ ଲୋକଙ୍କ ଆର୍ଥିକ ପରିସ୍ଥିତି ଦୁର୍ବିସହ ହେଉଛି। ଅତ୍ୟାବଶ୍ୟକ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଖରିଦ କରିବାପାଇଁ ଲୋକଙ୍କ ପାଖରେ ଟଙ୍କା ନାହିଁ। ଫଳରେ ଉତ୍ପାଦିତ ସାମଗ୍ରୀ ବିକ୍ରୀ ହେଉନାହିଁ। ଏହାର ପ୍ରଭାବରେ କାରଖାନା ପୂର୍ଣ୍ଣ ଉତ୍ପାଦନ କ୍ଷମତା ବିନିଯୋଗ କରି ଉତ୍ପାଦନ କରି ପାରୁନାହାନ୍ତି। କଳ କାରଖାନା ବନ୍ଦ ହେଉଚି ଶ୍ରମିକ ଛଟେଇ ହେଉଛି। ବେକାରୀ ହୁହୁ ହୋଇ ବଢୁଛି। ଏହା ଫଳରେ ଲୋକଙ୍କ କ୍ରୟ କ୍ଷମତା ଆହୁରି ହ୍ରାସ ପାଉଛି। ବଜାର ସଙ୍କଟ ଆହୁରି ତୀବ୍ର ହେଉଚି। ଏହି ପରିସ୍ଥିତିରେ ଅତ୍ୟନ୍ତ ମୁଷ୍ଟିମେୟ ଲୋକଙ୍କୁ ବର୍ଷକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଆୟକର ଛାଡ ବଜାର ରେ ତେଜି ଭାବ ଆଣିବ ଏବଂ ଅର୍ଥନୀତି ଚଙ୍ଗା ହେବ ବୋଲି ସରକାର ଏବଂ ସରକାରଙ୍କ ବଶମ୍ବଦ ଅର୍ଥଶାସ୍ତ୍ରୀ ମାନେ ପ୍ରଚାର କରୁଛନ୍ତି । ମାତ୍ର ଏହି ସଙ୍କଟ ଅତ୍ୟନ୍ତ ଗଭୀର ଓ ସର୍ବଦିଗବ୍ୟାପୀ। ଦେଶର ଲୋକଙ୍କ କ୍ରୟ କ୍ଷମତା ବାସ୍ତବରେ ବୃଦ୍ଧି କରିବାକୁ ହେଲେ ଲୋକଙ୍କ ହାତକୁ କିଭଳି ଅଧିକ ଅର୍ଥ ଆସିବ ତାର ବ୍ୟବସ୍ଥା କରିବାକୁ ହେବ। ସେଥିପାଇଁ ଲୋକଙ୍କୁ ଉପଯୁକ୍ତ ବେତନରେ ସ୍ଥାୟୀ କାମ ଯୋଗାଇବାକୁ ହେବ। ସ୍ୱଳ୍ପ ପାରିଶ୍ରମିକରେ କାମ କରୁଥିବା କର୍ମଚାରୀ ମାନଙ୍କ ପ୍ରାପ୍ୟ ଉପଯୁକ୍ତ ଭାବରେ ବୃଦ୍ଧି କରିବାକୁ ହେବ। ଆଉଟସୋର୍ସିଂ ଓ ଠିକା ବ୍ୟବସ୍ଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଦେବାକୁ ହେବ। ଚାଷୀ ମାନଙ୍କ ଫସଲର ଉପଯୁକ୍ତ ଦାମ ନିଶ୍ଚିତ କରିବାକୁ ହେବ ଏବଂ ଏମଏସପି କୁ ଆଇନ ସିଦ୍ଧ କରିବାକୁ ହେବ। ଏହି ଭଳି ଭାବରେ ଲୋକଙ୍କ କ୍ରୟ କ୍ଷମତା ସାମାନ୍ୟ ବୃଦ୍ଧି ହୋଇପାରେ। ମାତ୍ର ପୂର୍ବ ଆଲୋଚନାରୁ ସ୍ପଷ୍ଟ ହୋଇଛି ଯେ ଏସବୁ କରିବାପାଇଁ ସରକାରଙ୍କର କୌଣସି ଯୋଜନା ନାହିଁ। ସ୍ୱାଭାବିକ ଭାବରେ ବଜେଟରେ ଏହାର କୌଣସି ପ୍ରତିଫଳନ ଦେଖିବାକୁ ମିଳିନାହିଁ।

ଉପର ଆଲୋଚନାରୁ ସ୍ପଷ୍ଟ ଯେ ଅତୀତର ବଜେଟ ଗୁଡ଼ିକ ଭଳି ଭାଷାର ଚାତୁରୀ ଏବଂ ଫମ୍ପା ବାଗଡମ୍ବର୍ ମାଧ୍ୟମରେ ଏହି ବଜେଟ ଦେଶର ସାଧାରଣ ଲୋକଙ୍କ ରକ୍ତ ଶୋଷଣ କରି ଏକଚାଟିଆ ପୁଞ୍ଜିପତିମାନଙ୍କୁ ମୁନାଫାର ପାହାଡ ସୃଷ୍ଟି କରିବାପାଇଁ ଅବାଧ ସୁଯୋଗ ଦେବାର ରାସ୍ତା ପ୍ରଶସ୍ତ କରିବାପାଇଁ ଉଦ୍ଦିଷ୍ଟ। ଏହି ସତ୍ୟ ଦେଶର ଜନ ସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ ଭାବରେ ତୋଳି ଧରିବାକୁ ହେବ।

## ମୋଦି-ଟ୍ରମ୍ପ ସାକ୍ଷାତରୁ . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କରୁଥିବା ୟୁକ୍ରେନର ରାଷ୍ଟ୍ରମୁଖ୍ୟ ଯେଉଁ ଦୃଢତାର ସହିତ ଆମେରିକାର ଛାତି ଉପରେ ବସି ଟ୍ରମ୍ପଙ୍କର କୌଣସି ଗୋଟିଏ ହେଲେ ଅବମାନକର ସର୍ତ୍ତ ମାନିବା ପାଇଁ ସିଧାସଳଖ ଅସ୍ୱୀକାର କଲେ, ଏପରିକି ଟ୍ରମ୍ପଙ୍କ ସହିତ ତୀବ୍ର ବାକ୍ୟ ବିନିମୟକଲେ ତାକୁ ଦେଖିବାପରେ ମୋଦିଙ୍କର ସ୍କୁଲ ଛାତ୍ର ସୁଲଭ ଆଚରଣ ଅତ୍ୟନ୍ତ ଅମର୍ଯ୍ୟାଦାକର ଓ ଲଜ୍ଜାଜନକ ମନେ ହେଉଥିଲା। ଏହାପୂର୍ବରୁ ଫ୍ରାନ୍ସର ରାଷ୍ଟ୍ରପତି ମଧ୍ୟ ଠିକ୍ ସେହିଭଳି ଟ୍ରମ୍ପଙ୍କର ସମସ୍ତ ଏକତରଫା ଘୋଷଣାର ତୀବ୍ର ବିରୋଧ କରିଥିଲେ।

ମାତ୍ର ମୋଦିଙ୍କୁ ପାଖରେ ବସାଇ ମିଳିତ ସାମ୍ବାଦିକ ସମ୍ମିଳନୀରେ ଯେତେବେଳେ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ଅଧିକ ଆମଦାନୀ ଶୁଳ୍କ ବସାଇବା ପାଇଁ ଘୋଷଣା କଲେ ଏବଂ କହିଲେ ଏ ବାବଦରେ ସେ ମୋଦିଙ୍କର କୌଣସି ଗୋଟିଏ ହେଲେ ଯୁକ୍ତି ଗ୍ରହଣ କରିବେ ନାହିଁ ସେତେବେଳେ ମୋଦି ସାହସ ସଂଚୟ କରି କହିପାରିଲେ ନାହିଁ ଯେ ସେ ମଧ୍ୟ ଗୋଟିଏ ରାଷ୍ଟ୍ରର ମୁଖ୍ୟ ଏବଂ ସେ ଟ୍ରମ୍ପଙ୍କ ଠାରୁ ସେହି ଧରଣର ବ୍ୟବହାର ଓ ମର୍ଯ୍ୟାଦା ଆଶା କରନ୍ତି।

ମୋଦିଙ୍କ ସହିତ ବୈଠକର ମାତ୍ର କେତେ ଘଣ୍ଟା ପୂର୍ବରୁ ଟ୍ରମ୍ପ ତାଙ୍କ ଶୁଳ୍କ ନୀତି ଘୋଷଣାକରି କହିଲେ ଯେ 'ଆମେରିକାର ବନ୍ଧୁମାନେ ଅନେକ ସମୟରେ ଶତ୍ରୁମାନଙ୍କଠାରୁ ମଧ୍ୟ ଖରାପ'। ସେ ଏହି ଘୋଷଣା କରିବାପାରେ ଏଥିରେ କାହାରି କୌଣସି ସନ୍ଦେହ ନଥିଲା ଯେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲକ୍ଷ୍ୟ କରି ହିଁ ଏକଥା କହୁଛନ୍ତି, ମୋଦି-ଟ୍ରମ୍ପ ବୈଠକରେ କଣ ହେବାକୁ ଯାଉଛି ସେକଥା ଟ୍ରମ୍ପଙ୍କର ଏହି ଘୋଷଣାରୁ ହିଁ ସ୍ପଷ୍ଟ ହୋଇଯାଉଥିଲା। କେବଳ ସେତିକି ନୁହେଁ, ଟ୍ରମ୍ପ-ମୋଦିଙ୍କୁ କି ଧରଣର ବନ୍ଧୁ ମନେକରନ୍ତି, ତାହା ମଧ୍ୟ ସେ ଦର୍ଶାଇ ଦେଇଥିଲେ- ପ୍ରଥମେ ୧୦୪ ଜଣଙ୍କୁ, ତାପରେ ଦଫା ଦଫାରେ ଆମେରିକାର ବସବାସ କରୁଥିବା ପ୍ରବାସୀ ଭାରତୀୟ ମାନଙ୍କୁ ହାତ, ଗୋଡ ଓ ଅଣ୍ଟାରେ ଜଂଜିର ବାନ୍ଧି ସେନାବାହିନୀର ମାଲବାହୀ ବିମାନରେ ପଶୁଭଳି ଭାରତକୁ ପଠାଇ ଦେବା ମଧ୍ୟଦେଇ।

### ଭାରତୀୟ ପଣ୍ୟ ଉପରେ ବିପୁଳ ଶୁଳ୍କ

ମୋଦିଙ୍କ ଆମେରିକା ଯାତ୍ରାର ଠିକ୍ ପୂର୍ବରୁ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଇସ୍ପାତ ଓ ଆଲୁମ୍ୟୁନିୟମ ଉପରେ ଶତକଡା ୨୫ଭାଗ ଶୁଳ୍କ ବସାଇବା କଥା ଟ୍ରମ୍ପ ଘୋଷଣା କରିଥିଲେ। ଏହାଫଳରେ ଭାରତରୁ ୧୦୦ କୋଟି ଡଲାର ମୂଲ୍ୟର ରପ୍ତାନୀ ଅନିଶ୍ଚିତତାର ସମ୍ମୁଖୀନ ହେବ। ଅନ୍ୟଦିଗରେ ମୋଦି ସରକାର ଏହି ଧରଣର ଏକ ପରିସ୍ଥିତିର ଆଶଂକା କରି ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଜେଟରେ ୨୦ଟି ମାର୍କିନ ପଣ୍ୟ ଉପରେ ଆଦାୟ କରାଯାଉଥିବା ଆମଦାନୀ ଶୁଳ୍କ ପ୍ରତ୍ୟାହାର କରିଦେଇଥିଲେ। ମୋଟ ୨୮ଟି ମାର୍କିନ ପଣ୍ୟ ମଧ୍ୟରୁ ୮ଟି ଉପରେ ପୂର୍ବରୁ ଆଦାୟ କରାଯାଉଥିବା ଶୁଳ୍କକୁ କେନ୍ଦ୍ର ସରକାର ବଜେଟ ଉପସ୍ଥାପନ କରିବା ପୂର୍ବରୁ ହିଁ ପ୍ରତ୍ୟାହାର କରିଦେଇଥିଲେ। ଆମେରିକା ଉଚ୍ଚ ହାରରେ ଆମଦାନୀ ଶୁଳ୍କ ଆଦାୟ କଲେ କେବଳ ଇସ୍ପାତ ଓ ଆଲୁମ୍ୟୁନିୟମ ନୁହେଁ, ଭାରତର ଔଷଧ ଓ ଚିକିତ୍ସା ସରଞ୍ଜାମ, ତଥ୍ୟ ପ୍ରଯୁକ୍ତି ରପ୍ତାନୀ ମଧ୍ୟ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବ। ଇରାନର ଏକ ବନ୍ଦରକୁ ଭିତ୍ତିକରି ଏତେଦିନ ପର୍ଯ୍ୟନ୍ତ ଭାରତ ଯେଉଁ ସୁବିଧା ଉପଭୋଗ କରୁଥିଲା ତାହା ପ୍ରତ୍ୟାହାର

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ମୋଦି-ଟ୍ରମ୍ପ ସାକ୍ଷାତରୁ . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

କରିନେବାପାଇଁ ଟ୍ରମ୍ପ ଘୋଷଣା କରିଛନ୍ତି। ଅଥଚ ଭାରତ ଏହି ବନ୍ଦର ନିର୍ମାଣ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛି।

### ଚଢା ଦରରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଖଣିଜ ତେଲ ଓ ଗ୍ୟାସ କିଣିବାକୁ ଆମେରିକା ବାଧ୍ୟ କଲା

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାଖରେ ବସାଇ ଟ୍ରମ୍ପ ଘୋଷଣା କଲେ ଯେ, ୨୦୨୫ ମସିହାଠାରୁ ଆମେରିକା ଭାରତକୁ କୋଟି କୋଟି ଡଲାର ମୂଲ୍ୟର ଯୁଦ୍ଧାସ୍ତ୍ର ଏବଂ ଏଫ୍-୩୫ ଯୁଦ୍ଧ ବିମାନ ବିକ୍ରି କରିବ ଏବଂ ଯୁଦ୍ଧାସ୍ତ୍ର ବିକ୍ରିର ପରିମାଣ କ୍ରମଶଃ ବଢିଚାଲିବ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଉଛି ଲକ୍ଷ ଲକ୍ଷ କୋଟି ଟଙ୍କା ଦରର ଏହି ଏଫ୍-୩୫ ଯୁଦ୍ଧ ବିମାନ ବିକ୍ରି କରିବାପାଇଁ ଘୋଷଣା କରିବା ପୂର୍ବରୁ ଏ ସଂପର୍କରେ ଭାରତ ସହିତ କୌଣସି ଔପଚାରିକ ଆଲୋଚନା କରିବାକୁ ମଧ ଟ୍ରମ୍ପ ଆବଶ୍ୟକ ମନେକଲେ ନାହିଁ। ଅର୍ଥାତ୍ ଏକତରଫା ଭାବରେ ଏହି ବିମାନ ଖରିଦ କରିବାପାଇଁ ଭାରତକୁ ବାଧ୍ୟ କରାଗଲା। ମାତ୍ର ୫୬ ଇଂଚ ଛାତି ବାଲା ମୋଦି ସାମାନ୍ୟ ପ୍ରତିବାଦ ନକରି ଏହାକୁ ସ୍ୱୀକାର କଲେ। ଏତିକିରେ କଥା ଶେଷ ହୋଇ ନାହିଁ।

ମୋଦିଙ୍କୁ ପାଖରେ ବସାଇ ଟ୍ରମ୍ପ ଘୋଷଣା କରିଛନ୍ତି, ଭାରତକୁ ଆମେରିକା ନିକଟରୁ ବିପୁଳ ପରିମାଣର ଖଣିଜ-ତେଲ ଏବଂ ଗ୍ୟାସ ଆମଦାନୀ କରିବାକୁ ହେବ। ଅବଶ୍ୟ ଏହି ଘୋଷଣା ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ବିମାନ ଖରିଦ ଭଳି ଏକତରଫା ନୁହେଁ। ଟ୍ରମ୍ପ କହିଛନ୍ତି ଆମେରିକା ଯେ ଭାରତକୁ ସବୁଠାରୁ ଅଧିକ ଖଣିଜ ତେଲ ଏବଂ ଗ୍ୟାସ ଯୋଗାଣ କରିବ ସେ ବିଷୟରେ ଦୁଇଦେଶ ମଧ୍ୟରେ ସହମତି ପ୍ରତିଷ୍ଠା ହୋଇଛି। ତେଲ ଆମଦାନୀର ପରିମାଣ ବାର୍ଷିକ ୧୫ ବିଲିୟମ ଡଲାରରୁ ବୃଦ୍ଧିକରି ୨୫ ବିଲିୟନ୍ ଡଲାର କରାଯିବ।

ଭାରତ ଓ ଆମେରିକା ମଧ୍ୟରେ ଗତବର୍ଷ ବାଣିଜ୍ୟର ପରିମାଣ ୧୨,୯୨୦କୋଟି ଡଲାର ଥିଲା। ଭାରତ ଆମେରିକାକୁ ୮୭୪୦ କୋଟି ଡଲାର ମୂଲ୍ୟର ପଣ୍ୟ ରପ୍ତାନୀ କରୁଛି। ଆମେରିକାରୁ ଭାରତକୁ ଆମଦାନୀ ହେଉଛି ୪୧୮୦ କୋଟି ଡଲାର ମୂଲ୍ୟ ପଣ୍ୟ। ଟ୍ରମ୍ପ ଘୋଷଣା କରିଛନ୍ତି ୨୦୩୦ ମସିହା ମଧ୍ୟରେ ଉଭୟ ଦେଶର ବାଣିଜ୍ୟ ପରିମାଣ ୫୦ ହଜାର କୋଟି ଡଲାରରେ ପହଂଚିବ। ଏହି ବିପୁଳ ପରିମାଣର ବାଣିଜ୍ୟରେ ଆମେରିକା ଯଦି ସମପରିମାଣର ପଣ୍ୟ ଭାରତକୁ ରପ୍ତାନୀ କରେ ତା'ହେଲେ ଭାରତୀୟ ବଜାର ଯେ ମାର୍କିନ ପଣ୍ୟରେ ଭର୍ତ୍ତି ହୋଇଯିବ ସେକଥା କାହାରିକୁ ବୁଝାଇ କହିବାର ଆବଶ୍ୟକତା ନାହିଁ।

### ଟ୍ରମ୍ପଙ୍କ ଚାପ ଆଗରେ ମୋଦି ନତ ମସ୍ତକ

ସ୍ୱାଭାବିକ ଭାବରେ ସମଗ୍ର ଦେଶର ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି, ବିପୁଳ ଅର୍ଥ ବ୍ୟୟକରି ଆମେରିକାରୁ ଏପର୍ଯ୍ୟନ୍ତ ଖରିଦ କରାଯାଉଥିବା ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ବିମାନ କ'ଣ ପ୍ରକୃତରେ ଭାରତର ନିରାପତ୍ତା ପାଇଁ ଆବଶ୍ୟକ ? ଯେଉଁ ଦେଶ ବିଶ୍ୱ କ୍ଷୁଧା ସୂଚକରେ ୧୨୫ ଦେଶ ମଧ୍ୟରେ ୧୧୧ ତମ ସ୍ଥାନରେ ରହିଛି, ଯେଉଁ ଦେଶର ବ୍ୟାପକ ଅଂଚଳରେ ପାନୀୟ ଜଳ ସଂଗ୍ରହ ପାଇଁ ପରିବାରର ମହିଳାମାନଙ୍କୁ ଏବେ ବି ମାଇଲ ପରେ ମାଇଲ ପାଦରେ ଚାଲିବାକୁ ହୁଏ, ସ୍ୱଚ୍ଛ ପାନୀୟ ଜଳ ନପାଇ ଅସଂଖ୍ୟ ଲୋକ ଜଳବାହୀ ରୋଗର ଶୀକାର ହୁଅନ୍ତି, ହେପାଟାଇଟିସ୍‌ରେ ମୃତ୍ୟୁ ମୁଖରେ ପଡନ୍ତି, ଯେଉଁ ଦେଶର ସାଧାରଣ ରେଳ ଡବାରେ କୋଟି କୋଟି ଲୋକ ପଶୁଭଳି ଯାତାୟାତ କରନ୍ତି, ଯେଉଁ ଦେଶର ଶତକଡା ୫୦ଭାଗ ଗର୍ଭବତୀ ମହିଳା ଅପପୁଷ୍ଟିର ଶିକାର, ଶିଶୁମାନଙ୍କର ଏକ ବଡ ଅଂଶ କମ୍ ଉଚ୍ଚତା ଓ କମ୍ ଓଜନର ହୁଅନ୍ତି, ଯେଉଁ ଦେଶର ସ୍ୱାସ୍ଥ୍ୟସେବାର କରୁଣ ଅବସ୍ଥାକୁ କରୋନା ମହାମାରୀ ଆଖିରେ ଆଙ୍ଗୁଳି ଦେଇ ଦେଖାଇ ଦେଇଛି, ସେହି ଦେଶରେ କାହାର ନିରାପତ୍ତା କଥା ଚିନ୍ତାକରି ଏହି ଧରଣର ବିରାଟ ଯୁଦ୍ଧ ଆୟୋଜନ କରାଯାଉଛି ? ଲକ୍ଷ ଲକ୍ଷ କୋଟି ଡଲାର ଖର୍ଚ୍ଚକରି ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ବିମାନ ଖରିଦ୍ କରାଯାଉଛି ? ଏକଥା ବୁଝିବାରେ ଅସୁବିଧା ନାହିଁ ଯେ ଦେଶର ସଂଖ୍ୟାଗରିଷ୍ଠ ସାଧାରଣ ଲୋକଙ୍କ ତଣ୍ଟିଚିପି ଆଦାୟ କରାଯାଉଥିବା କର ଖଜଣା ଟଙ୍କା ଖର୍ଚ୍ଚକରି ଏହି ବିରାଟ ଅସ୍ତ୍ରସମ୍ଭାର ଖରିଦ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ମାର୍କିନ ଯୁଦ୍ଧ ଅର୍ଥନୀତିକୁ ଚାଙ୍ଗା ରଖିବାପାଇଁ ମାର୍କିନ ଉଦ୍ୟମ ନିକଟରେ ନତି ସ୍ୱୀକାର କରିବା ସରକାରଙ୍କ ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଭାରତ ସରକାରଙ୍କର ଆମେରିକା ଉପରେ ସବୁଠାରୁ ଅଧିକ ନିର୍ଭରଶୀଳତା ମଧ ଏଭଳି କରିବାପାଇଁ ଭାରତ ସରକାରଙ୍କୁ କିଛିଟା ବାଧ୍ୟ କରିଛି।

ଏହା ବ୍ୟତୀତ ଇସ୍ରାଏଲ ଓ ୟୁକ୍ରେନକୁ ଯୁଦ୍ଧ ସମୟରେ ଭାରତ ଯେଉଁ ବିପୁଳ ପରିମାଣର ଯୁଦ୍ଧାସ୍ତ୍ର ରପ୍ତାନୀ କରିଛି ତାହା ଆମେରିକାର ଅନୁମୋଦନରେ ହିଁ କରାଯାଇଛି। ଦେଶୀୟ ପୁଞ୍ଜିପତିମାନଙ୍କର ଏହି ସ୍ୱାର୍ଥ ବିଷୟ ସ୍ମରଣ ରଖି ହିଁ କେନ୍ଦ୍ର ବିଜେପି ସରକାର ପ୍ୟାଲେଷ୍ଟାଇନର ସ୍ୱାଧୀନତାର ଦାବିକୁ ସମର୍ଥନ କରିବାର ଭାରତର ଦୀର୍ଘ ଦିନର ଐତିହ୍ୟକୁ ଉଲଂଘନକରି ଗାଜା ଉପରେ ଇସ୍ରାଏଲର ପୈଶାଚିକ ଆକ୍ରମଣକୁ ସମର୍ଥନ କରିଛି।

### ଋଷିଆର ଶସ୍ତା ତେଲ ନୁହେଁ, ଆମେରିକାର ଦାମୀ ତେଲ କିଣିବାକୁ ହେବ

ତେଲ ଆମଦାନୀ କ୍ଷେତ୍ରରେ ମୋଦି ଟ୍ରମ୍ପ ଯେତେ ଏକମତ ହୁଅନ୍ତୁ, ଏହାଫଳରେ ଭାରତର ସାଧାରଣ କରଦାତାଠାରୁ ଆଦାୟ କରାଯାଉଥିବା ରାଜସ୍ୱ ଲୁଟ୍ ହେବ ଏବଂ ଚଢାଦରରେ ପେଟ୍ରୋଲ ଡିଜେଲ ଖରିଦ କରିବାକୁ ଦେଶର ଲୋକ ବାଧ୍ୟ ହେବେ। ଭାରତକୁ ତାର ତେଲ ଆବଶ୍ୟକତାର ଶତକଡା ୮୫ଭାଗ ଆମଦାନୀ କରୁବାକୁ ହୁଏ। ୟୁକ୍ରେନ ଯୁଦ୍ଧର ପୂର୍ବ ପର୍ଯ୍ୟନ୍ତ ଭାରତ ମୁଖ୍ୟତଃ ଇରାକ ଓ ସାଉଦି ଆରବରୁ କଂଚା ତେଲ ଆମଦାନୀ କରୁଥିଲା। ଋଷିଆରୁ ଆବଶ୍ୟକତାର ମାତ୍ର ୦.୨ ଶତାଂଶ ଆମଦାନୀ କରାଯାଉଥିଲା। ୨୦୨୨ ଫେବୃୟାରୀ ମାସରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରେ ଋଷିଆଠାରୁ ତେଲ ନ କିଣିବାପାଇଁ ଆମେରିକା ୟୁରୋପୀୟ ଦେଶଗୁଡିକ ଉପରେ ନିଷେଧାଦେଶ ଜାରୀ କରିଥିଲା। ଏହି ପରିସ୍ଥିତିରେ ଆନ୍ତର୍ଜାତୀୟ ବଜାର ଦରଠାରୁ ଯଥେଷ୍ଟ କମ୍ ଦରରେ ତେଲ ବିକ୍ରି କରିବାପାଇଁ ଋଷିଆ ଭାରତକୁ ପ୍ରସ୍ତାବ ଦେଇଥିଲା। ଆନ୍ତର୍ଜାତୀୟ ବଜାରରେ ତେଲ ବ୍ୟାରେଲ ପିଛା ଦାମ ୧୪୦ ଡଲାରରେ ପହଂଚିବା ପରେ ମଧ ଋଷିଆ ଭାରତୀୟ ତେଲ କମ୍ପାନୀଗୁଡିକୁ ବ୍ୟାରେଲ ପିଛା ମାତ୍ର ୪୦ ଡଲାରରେ ଏପରିକି ଏହାଠାରୁ ମଧ କମ୍ ଦରରେ ତେଲ ବିକ୍ରି କରିବାକୁ ସମ୍ମତି ଦେଇଥିଲା। ବର୍ତ୍ତମାନ ଭାରତର ମୋଟ ଆବଶ୍ୟକତାର ଶତକଡା ୫୦ଭାଗରୁ ଅଧିକ ତେଲ ଋଷିଆରୁ ଆମଦାନୀ ହେଉଛି। ଅନ୍ୟପଟରେ ଆମେରିକାରୁ ତେଲ ଆମଦାନୀ ହ୍ରାସ ପାଇ ଭାରତର ମୋଟ ଆବଶ୍ୟକତାର ଶତକଡା ୩.୪ ଭାଗରେ ପହଂଚିଛି। ସ୍ୱାଭାବିକ ଭାବରେ ଟ୍ରମ୍ପଙ୍କ ପଂତୁଆ ମାନିବାକୁ ଗଲେ ଋଷିଆର ଶସ୍ତା ତେଲ ଆମଦାନୀ ବନ୍ଦ କରି ଆମେରିକାର ଦାମୀ ତେଲ ଭାରତ ସରକାରଙ୍କୁ ଖରିଦ କରିବାକୁ ହେବ। ଭାରତରୁ ଆମେରିକାର ଦୂରତ୍ୱ ଯୋଗୁ ତେଲ ଆମଦାନୀ ପାଇଁ ପରିବହନ ଖର୍ଚ୍ଚ ମଧ ଯଥେଷ୍ଟ ଅଧିକ ହେବ। ସେହି ଆଳରେ ସରକାର ପେଟ୍ରୋଲ ଡିଜେଲ ଦର ବୃଦ୍ଧି କରିବାର ଆଶଂକା ସୃଷ୍ଟି ହେବା ସ୍ୱାଭାବିକ। ଏହାଫଳରେ ମାର୍କିନ ତେଲ କମ୍ପାନୀମାନଙ୍କର ବିପୁଳ ମୁନାଫା ହେବ ମାତ୍ର ଏହାର ବୋଝ ଭାରତର ସାଧାରଣ ଲୋକଙ୍କୁ ବୋହିବାକୁ ହେବ।

### ପରମାଣୁ ଦୁର୍ଘଟଣାରେ ମାର୍କିନ କମ୍ପାନୀ ଗୁଡିକରେ କୌଣସି ଦାୟଦାୟିତ୍ୱ ରହିବ ନାହିଁ

ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଇଁ ଭାରତ ସରକାର ପରମାଣୁ ବିଦ୍ୟୁତ କ୍ଷେତ୍ରରେ ଦୁର୍ଘଟଣାର ଦାୟଦାୟିତ୍ୱ ସଂକ୍ରାନ୍ତ ଆଇନକୁ ଶିଥିଳ କରିବାକୁ ସମ୍ମତ ହୋଇଛନ୍ତି। ଟ୍ରମ୍ପ ଘୋଷଣା କରିଛନ୍ତି, ଏହା ଫଳରେ ଆମେରିକାର ସଂସ୍ଥାଗୁଡିକ ଭାରତକୁ ପରମାଣୁ ବିଦ୍ୟୁତ ରିଆକ୍ଟର ଯୋଗାଇବ। ଏଠାରେ ପ୍ରଶ୍ନ ଉଠୁଛି, କାହାର ସ୍ୱାର୍ଥରକ୍ଷା କରିବାପାଇଁ ମୋଦି ସରକାର ପରମାଣୁ ରିଆକ୍ଟରରେ ଦୁର୍ଘଟଣା ସଂକ୍ରାନ୍ତ ଆଇନ ଶିଥିଳ କରୁଛି ? ନିଶ୍ଚିତ ଭାବରେ ଭାରତର ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଏହା କରାଯାଉନାହିଁ। ବର୍ତ୍ତମାନ କୌଣସି ପରମାଣୁ ବିଦ୍ୟୁତ ରିଆକ୍ଟରରେ ଦୁର୍ଘଟଣା ଘଟିଲେ ଏହାକୁ ପ୍ରତିଷ୍ଠା କରିଥିବା ମାର୍କିନ କମ୍ପାନୀଗୁଡିକ ତାର ଦାୟଦାୟିତ୍ୱ ବହନ କରିବେ ନାହିଁ। ତା'ହେଲେ ସେହି ଦାୟଦାୟିତ୍ୱ କାହାର ?

### ଦ୍ୱିପାକ୍ଷିକ ସଂପର୍କ କ୍ଷେତ୍ରରେ ଆମେରିକା ହିଁ ସବୁକିଛି ନିଷ୍ପତ୍ତି କରିବ

ଟ୍ରମ୍ପଙ୍କ ସହିତ ମୋଦିଙ୍କର ସଂପର୍କକୁ ନେଇ ଦେଶରେ ବ୍ୟାପକ ପ୍ରଚାର ଆମେ ଶୁଣିବାକୁ ପାଇଛୁ। ପ୍ରଚାର ଶୁଣି ମନେ ହେଉଥିଲା ମୋଦି ଅଛନ୍ତି ମାନେ ଯେକୌଣସି ପରିସ୍ଥିତିରେ ଭାରତର ସ୍ୱାର୍ଥ ସୁରକ୍ଷିତ ରହିବ। ମୋଦି ହେ ତୋ ମୁମ୍‌କିନ୍ ହେ। ଏଥର ମଧ ଭାରତ-ଆମେରିକା ବୈଠକର ସାଫଲ୍ୟ ପ୍ରମାଣ କରିବାପାଇଁ ସରକାରଙ୍କର ଗୋଡାଣିଆ ଗଣମାଧ୍ୟମ ବ୍ୟାପକ ପ୍ରଚାର ଚଳାଇଛି। ମାତ୍ର ଏହି ପ୍ରଚାର ଦ୍ୱାରା ସତ୍ୟକୁ ଲୁଚାଇ ଦିଆଯାଇ ପାରିନାହିଁ। ସତ୍ୟଟି ହେଉଛି ଟ୍ରମ୍ପ ଯାହା କରିବାକୁ ଚାହିଁଥିଲେ ସେଥିରେ ସେ ପୁରାପୁରି ସଫଳ ହୋଇଛନ୍ତି। ବୈଠକ ପରେ ମୋଦିଙ୍କ ନାମ ଉଲ୍ଲେଖ କରି ଟ୍ରମ୍ପ ଘୋଷଣା କରିଛନ୍ତି 'ଆପଣ ଯେଉଁ ହାରରେ ଶୁଳ୍କ ଲାଗୁ କରିବେ ମୁଁ ମଧ ସେହି ହାରରେ ଶୁଳ୍କ ଲାଗୁ କରିବି। ଏ ପ୍ରସଙ୍ଗରେ ମୋ ସହିତ କେହି ତର୍କ କରିପାରିବେ ନାହିଁ।' ପୁଞ୍ଜିବାଦୀ ରାଷ୍ଟ୍ରନାୟକମାନଙ୍କର ନିକଟରେ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥଠାରୁ କୌଣସି ବ୍ୟକ୍ତିଗତ ବନ୍ଧୁତ୍ୱ ଯେ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ମୋଦି ଭକ୍ତମାନେ ଯେତେ ଶୀଘ୍ର ଏହି ସତ୍ୟଟିକୁ ବୁଝିପାରିବେ ଦେଶପାଇଁ ସେତେ ମଙ୍ଗଳ।

ମୋଦିଙ୍କୁ ମହାମାନବ ବନାଇବାପାଇଁ ଯେତେ ଉଦ୍ୟମ ହେଲେ ମଧ ଏବଂ ଏହାଫଳରେ ହୁଏତ ବିଜେପି ଭୋଟରେ ସୁବିଧା ହାସଲ କଲେ ମଧ ତାଙ୍କ ପ୍ରତି ଟ୍ରମ୍ପଙ୍କର ବ୍ୟବହାରରୁ ଆମେରିକା ତୁଳନାରେ ଭାରତର ସ୍ଥିତି କେଉଁଠି ତାହା ସ୍ପଷ୍ଟ ହୋଇଯାଇଛି। ଅନ୍ୟଦିଗରେ ଏହା ସ୍ପଷ୍ଟ ହୋଇଛି ଯେ ମାର୍କିନ ଅର୍ଥନୀତି ବିଶ୍ୱରେ ସବୁଠାରୁ ଶକ୍ତିଶାଳୀ ହେଲେ ମଧ ଏହା ସଂକଟ ଜର୍ଜରିତ। ସେହି ସଂକଟରୁ ଦେଶର ଅର୍ଥନୀତିକୁ ଉଦ୍ଧାର କରିବାର ପ୍ରତିଶ୍ରୁତି ଦେଇ ହିଁ ଟ୍ରମ୍ପ ଆମେରିକା ଲୋକଙ୍କର ସମର୍ଥନ ହାସଲ କରିଛନ୍ତି ଏବଂ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହୋଇଛନ୍ତି। ଭାରତୀୟ ପଣ୍ୟ ଉପରେ ଅଧିକ ଶୁଳ୍କ ଆଦାୟ କରିବା ପାଇଁ ତାଙ୍କର ନିଷ୍ପତ୍ତି ଟ୍ରମ୍ପଙ୍କର ଭାରତ ବିଦ୍ୱେଷ ପାଇଁ ନୁହେଁ, ଏହା ଟ୍ରମ୍ପଙ୍କ ପାଇଁ ବାଧ୍ୟବାଧକତା, ମାର୍କିନ ଅର୍ଥନୈତିକ ସଂକଟର ପରିଣାମ। ସେଥିପାଇଁ କେବଳ ଭାରତ ନୁହେଁ, ୟୁରୋପ ଏବଂ ସମସ୍ତ ରାଷ୍ଟ୍ରରୁ ଆମଦାନୀ ହେଉଥିବା ପଣ୍ୟ ଉପରେ ଏକାଧରଣର ଶୁଳ୍କ ଲାଗୁ କରିବା ପାଇଁ ଟ୍ରମ୍ପ ଘୋଷଣା କରିଛନ୍ତି।

### ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟ ମାନଙ୍କର ଅମର୍ଯ୍ୟାଦାର ପ୍ରତିବାଦ କଲେ ନାହିଁ

ଆମେରିକାରେ କାମକରୁଥିବା ପ୍ରବାସୀ ଭାରତୀୟମାନଙ୍କୁ ଦଳ ଦଳ କରି ଅତ୍ୟନ୍ତ ଅମର୍ଯ୍ୟାଦାକର ଭାବରେ ହାତ, ଗୋଡ, ଅଣ୍ଟା ଓ ବେକରେ ଶିକୁଳି ବାନ୍ଧି ମାଲବାହୀ ଯୁଦ୍ଧ ବିମାନରେ ଭାରତକୁ ପଠାଇ ଟ୍ରମ୍ପ ସରକାର ମାନବତାର ଅବମାନନା କରିଛି। ମାତ୍ର ଟ୍ରମ୍ପଙ୍କ ସହିତ ସାକ୍ଷାତ ସମୟରେ ମୋଦି ଏହାର ପ୍ରତିବାଦ କରିବାର ସାହାସ ଯୁଟାଇ ପାରିଲେ ନାହିଁ। ଏହି ଅପମାନ ଦେଶର ଜନସାଧାରଣଙ୍କୁ ପ୍ରବଳ ଭାବରେ ଆଲୋଡିତ କରୁଛି। ଏହି ପ୍ରବାସୀ ଭାରତୀୟ ମାନେ ଅପରାଧୀ ନୁହଁନ୍ତି। ସେମାନଙ୍କୁ କାହିଁକି ସମ୍ମାନର ସହିତ ଦେଶକୁ ଫେରାଇ ଅଣାଗଲା ନାହିଁ ? ପ୍ରବାସୀ ବୋଲି ସେମାନଙ୍କ ସହିତ ପଶୁତୁଲ୍ୟ ବ୍ୟବହାର କରାଯିବ ? ଆମେରିକାର ଏହି ଧରଣର ବର୍ବର କାର୍ଯ୍ୟର ପ୍ରତିବାଦ କରିନଥିବା ମୋଦି କେଉଁ ଭାରତର ପ୍ରତିନିଧିତ୍ୱ କରୁଥିଲେ ? ସେ ଯଦି ଭାରତର ଜନସାଧାରଣଙ୍କର ପ୍ରତିନିଧିତ୍ୱ କରୁଥାନ୍ତି ତା'ହେଲେ ସେହି ସାଧାରଣ ଲୋକଙ୍କ ମର୍ଯ୍ୟଦା ରକ୍ଷା କରିବା କଣ ତାଙ୍କର ଦାୟିତ୍ୱ ନଥିଲା ? ସେ ଯେ ସେହି ମର୍ଯ୍ୟାଦା ରକ୍ଷା କରିନାହାନ୍ତି କେବଳ ସେତିକି ନୁହେଁ ସମଗ୍ର ବିଶ୍ୱରେ ଭାରତର ଶ୍ରମଜୀବୀ ମଣିଷଙ୍କ ମର୍ଯ୍ୟାଦାକୁ ପଦଦଳିତ କରିଛନ୍ତି। ପ୍ରତିବାଦ କରିବା ପରିବର୍ତ୍ତେ ମୋଦି ଟ୍ରମ୍ପଙ୍କ ସ୍ୱରରେ ସ୍ୱର ମିଶାଇ କହିଲେ ଅନ୍ୟଦେଶରେ ବେଆଇନ ଭାବରେ ରହିବାର ଅଧିକାର କାହାରି ନାହିଁ। ଏଥିପାଇଁ ସେ ମାନବ ଚାଲାଣକାରୀ ଦୁଷ୍ଟ ଚକ୍ର ଉପରେ ସମସ୍ତ ଦୋଷ ଦେଇ ନିଜେ ନିଜକୁ ଦୋଷମୁକ୍ତ କରିବାକୁ ଉଦ୍ୟମ କଲେ। ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଲେ ଏଥିରେ କିଛି ନୂତନତ୍ୱ ନାହିଁ। ଅର୍ଥାତ୍ ଟ୍ରମ୍ପ ପ୍ରଶାସନର ଏହି ଧରଣର ଅପରାଧୀ ସୁଲଭ ଆଚରଣରେ ସେ କିଛି ଅନ୍ୟାୟ ଦେଖିବାକୁ ପାଇଲେ ନାହିଁ। ମାତ୍ର ଏକଥା କିଏ ଜାଣିନାହିଁ ଯେ ଦେଶରେ ଯଦି ଯୁବକ ଯୁବତୀମାନଙ୍କ ପାଇଁ ଉପଯୁକ୍ତ କାମ ମିଳନ୍ତା ତା'ହେଲେ ଘରବାଡି ବିକ୍ରିକରି, ନିଜ ଜୀବନକୁ ବିପନ୍ନ କରି, ଯୁବକମାନେ କାମର ସନ୍ଧାନରେ ଅନ୍ୟ ଦେଶରେ ବେଆଇନ ଭାବରେ ପ୍ରବେଶ କରନ୍ତେ ନାହିଁ। ଦଲାଲ ମାନଙ୍କୁ ମଧ ଏହିଭଳି ସୁଯୋଗ ମିଳନ୍ତା ନାହିଁ। ପ୍ରଧାନମନ୍ତ୍ରୀ ମୋଦି ଅନାୟାସରେ ଟ୍ରମ୍ପଙ୍କୁ କହିପାରିଥାନ୍ତେ ଯେ ଏହି ତଥାକଥିତ ବେଆଇନ ପ୍ରବାସୀ ମାନେ ମାର୍କିନ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରନ୍ତି। ଆମେରିକାର ନିର୍ମାଣ ଶିଳ୍ପରେ, କୃଷି କ୍ଷେତ୍ରରେ, ରେସ୍ତୋରାଂଗୁଡିକରେ ଭାରତ ସହ ଅନ୍ୟାନ୍ୟ ଦେଶରୁ ଆସିଥିବା ଏହି ତଥାକଥିତ ବେଆଇନ ଅନୁପ୍ରବେଶକାରୀ ମାନଙ୍କୁ ମାର୍କିନ ବ୍ୟବସାୟୀମାନେ ଶସ୍ତା ଶ୍ରମିକ ଭାବରେ ବ୍ୟବହାର କରନ୍ତି। ସେଥିପାଇଁ ସେମାନଙ୍କ ସହିତ ଅନ୍ତତଃ ମଣିଷ ଭଳି ବ୍ୟବହାର କରିବା ଆବଶ୍ୟକ ଥିଲା। ପୁଞ୍ଜିପତି ଶ୍ରେଣୀର ସେବା କରି କରି ପ୍ରଧାନମନ୍ତ୍ରୀ କ'ଣ ଭୁଲି ଯାଇଛନ୍ତି ଯେ ଦେଶର ସାଧାରଣ ଲୋକଙ୍କ ମର୍ଯ୍ୟାଦା ରକ୍ଷା କରିବା ମଧ ପ୍ରଧାନମନ୍ତ୍ରୀ ହିସାବରେ, ତାଙ୍କର ଦାୟିତ୍ୱ ?

### କଲମ୍ବିଆ, ମେକ୍ସିକୋ ଯାହା କରିପାରିଲେ ମୋଦି ତାହା କରିପାରିଲେ ନାହିଁ

ଏହି ପ୍ରସଙ୍ଗରେ ଆଉ ଗୋଟିଏ କଥା ଉଲ୍ଲେଖ କରିବା ଆବଶ୍ୟକ। କଲମ୍ବିଆ ଭାରତଠାରୁ ଅନେକ ଛୋଟ ଦେଶ। ତା' ସତ୍ତ୍ୱେ ମଧ ସେ ଦେଶର ନାଗରିକ ମାନଙ୍କ ସହିତ ମାର୍କିନ ପ୍ରଶାସନର ଏହି ଧରଣର ଅପମାନଜନକ ଆଚରଣକୁ ଏହି ଦେଶ ସ୍ୱୀକାର କରିନାହିଁ। ଏହି ଧରଣର ଆଚରଣର ପ୍ରତିବାଦରେ ପ୍ରବାସୀମାନଙ୍କୁ ନେଇ ଯାଇଥିବା ମାର୍କିନ ବିମାନକୁ ଦେଶର ମାଟିରେ ଓହ୍ଲାଇବାକୁ ଦେଇ ନାହିଁ। କଲମ୍ବିଆ ସରକାର ନିଜ ଦେଶର ବିମାନ ପଠାଇ ନିଜର ନାଗରିକ ମାନଙ୍କୁ ସସମ୍ମାନେ ଦେଶକୁ ନେଇଛନ୍ତି। ପ୍ରବାସୀମାନେ ବିମାନ ବନ୍ଦରରେ ପହଂଚିବା ସମୟରେ ଦେଶର ରାଷ୍ଟ୍ରପତି ବିମାନ ବନ୍ଦରରେ ପହଂଚି ସେମାନଙ୍କୁ ସ୍ୱାଗତ କରିଛନ୍ତି। ଆମେରିକାର ପଡୋଶୀ ଦେଶ ମେକ୍ସିକୋ। ଏହି ଦେଶ ଦେଇ ସବୁଠାରୁ ଅଧିକ ସଂଖ୍ୟକ ପ୍ରବାସୀ ଆମେରିକାରେ ବେଆଇନ ଭାବରେ ଅନୁପ୍ରବେଶ କରନ୍ତି ବୋଲି ଅଭିଯୋଗ ହୁଏ। ମାତ୍ର ମେକ୍ସିକୋର ରାଷ୍ଟ୍ରପତି ମଧ ଆମେରିକାରେ ବେଆଇନ ଭାବରେ ପ୍ରବେଶ କରିଛନ୍ତି ବୋଲି ଅଭିଯୋଗ କରାଯାଉଥିବା ନିଜ ଦେଶର ନାଗରିକ ମାନଙ୍କୁ ସସମ୍ମାନେ ଫେରାଇ ଆଣିଛନ୍ତି। ତେବେ କଲମ୍ବିଆ ଓ ମେକ୍ସିକୋ ରାଷ୍ଟ୍ରପତିଙ୍କ ଛାତିର ମାପ କାହାରିକୁ ଜଣାନାହିଁ !

★ ★ ★

Regd.No-ORI ORI/2011/37220 • VOL.NO. 12, ISSUE NO. 05 • ମୂଲ୍ୟ-୫ଟଙ୍କା।

# ଜିନ୍ଦଲ ହଟାଅ ଭିଟାମାଟି ବଂଚାଅ ଦାବିରେ ଚାଷୀ ଓ ମହିଳାମାନଙ୍କ ମେଳି



କେନ୍ଦୁଝର ଜିଲ୍ଲା, ପାଟଣା ବ୍ଲକର ଯମୁନାପଶି ହାଟ ପଡିଆଠାରେ "ଜିନ୍ଦଲ ହଟାଅ ଭିଟାମାଟି ବଂଚାଅ" ଏକ ଜିନ୍ଦଲ ବିରୋଧୀ ସାଧାରଣ ସଭା ମାର୍ଚ୍ଚ ୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ନେତା ଶ୍ରୀଯୁକ୍ତ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ୍ ରଘୁନାଥ ଦାସ ଯୋଗ ଦେଇ ଉଦ୍‌ବେଗ ପ୍ରକାଶ କରି କହିଥିଲେ ଜିନ୍ଦଲ ସହ ହୋଇଥିବା ଏମ.ଓ.ୟୁ ବାତିଲ କରିବା, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କରିବା, ସରକାରୀ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଆରୋପ କରିବା ସହିତ ବିଜେପି ସରକାରଙ୍କ କମ୍ପାନୀ ପ୍ରୀତିର ଅସଲ ଚରିତ୍ର ପ୍ରକାଶ ପାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଅଚ୍ୟୁତାନନ୍ଦ ନାଏକ, ସରୋଜ କୁମାର ସିଂହ, ରବିନ୍ଦ୍ର କୁମାର ମହାନ୍ତ, ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର, ମଞ୍ଜୁଲତା ମହାନ୍ତ, ଗୁରୁବାରୀ ସର୍ଦ୍ଦାର, ଲିପିବା ଳା ନାଏକ ଓ ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଶକ୍ତିଶାଳୀକରି ଗଢିତୋଳିବାକୁ କମ୍ରେଡ୍ ରଘୁନାଥ ଦାସ ଉପଦେଷ୍ଟା, ଶ୍ରୀଯୁକ୍ତ ବେଣୁଧର ସର୍ଦ୍ଦାର ସମ୍ପାଦକ, ଶ୍ରୀଯୁକ୍ତ ଘନଶ୍ୟାମ ମହାନ୍ତ ସଭାପତି, ଉପସଭାପତି ଭାବେ ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ନାଏକ, ସରୋଜ କୁମାର ସିଂହ, ପ୍ରକାଶ ମଲ୍ଲିକ, ରବିନ୍ଦ୍ର କୁମାର ମହାନ୍ତଙ୍କୁ ନେଇ ଜିନ୍ଦଲ ପ୍ରତିରୋଧ ମଂଚ ଗଠନ କରାଯାଇଛି।

# ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ଭୁବନେଶ୍ୱରଠାରେ ବିଶାଳ ବିକ୍ଷୋଭ




ଫେବୃୟାରୀ ୨୫ତାରିଖ ଦିନ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ(AIKKMS) ପକ୍ଷରୁ ଭୁବନେଶ୍ୱର ପି.ଏମ୍.ଜି. ଠାରେ ଏକ ବିଶାଳ ବିକ୍ଷୋଭ ସମାବେଶ ହୋଇଯାଇଛି। ବିକ୍ଷୋଭ ପୂର୍ବରୁ ସଂଗଠନର ହଜାର ହଜାର ଚାଷୀ, ଭାଗଚାଷୀ, ମହିଳା ରାଜମହଲ ଛକ ଠାରୁ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ଏକ ଶୋଭାଯାତ୍ରାରେ ଜିନ୍ଦଲ ସହ ହୋଇଥିବା ବୁଝାମଣାପତ୍ର (MOU) ବାତିଲ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ(MSP)କୁ ଆଇନ୍‌ର ଗ୍ୟାରେଣ୍ଟି ଦେବା, ସ୍ୱାମୀନାଥନ କମିସନ ରିର୍ପୋଟ ଅନୁଯାୟୀ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(MSP) ଧାର୍ଯ୍ୟ କରିବା, ସମସ୍ତ ପ୍ରକାର କୃଷିଋଣ ଛାଡ କରିବା, ବିଦ୍ୟୁତ୍ ବିଲ୍ ୨୦୨୩କୁ ବାତିଲ କର, ବିନା ସୁଧରେ ଚାଷୀ ଓ ଭାଗଚାଷୀମାନଙ୍କୁ ଚାଷ ପାଇଁ ଋଣ ପ୍ରଦାନ କର, ଭାଗଚାଷୀଙ୍କୁ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ଆଇନ୍ ପ୍ରଣୟନ କରିବା, ଶୀତଳଭଣ୍ଡାର ନିର୍ମାଣ କରିବା, ୨୦୦୬ ଜଙ୍ଗଲଜମି ଆଇନ ଅନୁଯାଇ ଚାଷପୋଯୋଗୀ ଓ ବାସପୋଯୋଗୀ ଜମିକୁ ପଟ୍ଟା ପ୍ରଦାନ କରିବା ଆଦି ଦାବିରେ ପି.ଏମ୍.ଜି ଛକଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥଲା। ସଂଗଠନର ରାଜ୍ୟ ସଭାପତି କମ୍ରେଡ ଶଦାଶିବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏ.ଆଇ.କେ.କେ.ଏମ୍.ଏସ୍ ର ରାଜ୍ୟ ସଂପାଦକ କମ୍ରେଡ ରଘୁନାଥ ଦାସ ସରକାରଙ୍କର ଚାଷୀମାନଙ୍କ ପ୍ରତି ବୈମାତୃକ ଆଚରଣରେ କ୍ଷୁବ୍ଧ ହୋଇ ସରକାରଙ୍କୁ ଶୀଘ୍ର ଦାବିଗୁଡିକ ମାନିବାକୁ ଆହ୍ୱାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତ୍ୟୁତ ପ୍ରଧାନ, ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର, ସୁବାସ ବରାଳ, ଚୈତନ୍ୟ ସାହୁ, ରଣଜିତ ପ୍ରଧାନ, ପର୍ଶୁରାମ ଲେଙ୍କା, ବସନ୍ତ ନାୟକ, ସୁବାସ ପ୍ରଧାନ, ବଟକୃଷ୍ଣ ସ୍ୱାଇଁ, ପ୍ରଦୀପ କୁମାର ପ୍ରଧାନ ଆଦି ବକ୍ତାମାନେ ସେମାନଙ୍କର ବକ୍ତବ୍ୟରେ ସଂପ୍ରତି ରାଜ୍ୟରେ ଚାଷୀମାନଙ୍କ ଉପରେ ହେଉଥିବା ନାନାଦି ଆକ୍ରମଣ ବିରୁଦ୍ଧରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ କରିଥିଲେ।

# ବେକାର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ଏଆଇ ଡିଓ୍ୱାଇଓ ପକ୍ଷରୁ ଅନୁଗୁଳରେ ବିକ୍ଷୋଭ

ଅନୁଗୁଳ ଜିଲ୍ଲାରେ ଗଢି ଉଠିଥିବା ସମସ୍ତ ଖଣି ଓ କାରଖାନା ଗୁଡିକ ଦ୍ୱାରା ବିସ୍ଥାପିତ, କ୍ଷତିଗ୍ରସ୍ତ ଓ ଅନୁଗୁଳ ଜିଲ୍ଲାର ବେକାର ଯୁବକ-ଯୁବତୀମାଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନିଯୁକ୍ତି ଦେବା ପର୍ଯ୍ୟନ୍ତ ସମସ୍ତ ବେକାର ଯୁବକ- ଯୁବତୀଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବା, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗରେ ଦୀର୍ଘ ବର୍ଷ ଧରି ଖାଲି ପଦବୀ ଗୁଡିକ ଅବିଳମ୍ବେ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସମସ୍ତ ସ୍ଥାୟୀ ପଦବୀ ଗୁଡିକରେ ଠିକା ନିଯୁକ୍ତି ନୀତି ବାତିଲ କରିବା ସହିତ ଠିକାରେ ନିଯୁକ୍ତ ସମସ୍ତ କର୍ମଚାରୀ ମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ଟେଲିକମ୍ କମ୍ପାନୀ ଗୁଡିକର ଲଗାମଛଡା ତାରଫ୍ ବୃଦ୍ଧି ବନ୍ଦ କରିବା ଏବଂ ଇନ୍‌କମିଂ କଲ୍ ସଂପୂର୍ଣ୍ଣ ଦେୟମୁକ୍ତ କରିବାସହ ସର୍ବସାଧାରଣ ଛାତ୍ର, ଯୁବକଙ୍କୁ ସୁଲଭ ଦରରେ ମାସିକ କମ୍ବୋ ପ୍ୟାକ୍ ଧାର୍ଯ୍ୟ କରିବା, ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାଓ୍ୱାର ସ୍ୱାର୍ଥରେ ଘରେ ଘରେ ପ୍ରି-ପେଡ୍ ସ୍ମାର୍ଟ ମିଟର ଲଗାଇବା ନିଷ୍ପତି ବାତିଲ କରିବା ସହ ବିଦ୍ୟୁତ୍ ଆଇନ୍ ୨୦୨୨କୁ ସଂପୂର୍ଣ୍ଣ ବାତିଲ କରିବା, କଣିହାଁ-ତାଳଚେର-ବଅଁରପାଳ- ଅନୁଗୁଳ-ଛେଣ୍ଡିପଦା ଅଂଚଳରେ ଧୂଳି, ଧୂଆଁ, ପାଉଁଶ ଓ ବିଷାକ୍ତ ଗ୍ୟାସ୍ ଆଦି ପ୍ରଭାବରୁ ଜିଲ୍ଲାର ଜନସାଧାରଣଙ୍କୁ ରକ୍ଷା କରିବା, ନିୟମିତ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ ଅନୁଗୁଳ ସହର ଅନ୍ତର୍ଗତ ବିଭିନ୍ନ ଛକରେ କଡାକଡି ଟ୍ରାଫିକ୍ ନିୟନ୍ତ୍ରଣର ବ୍ୟବସ୍ଥା କରିବା, ଯୁବକ-ଯୁବତୀ ମାନଙ୍କୁ କ୍ରୀଡା ଉପକରଣ ଗୁଡିକ ସୁଲଭ ମୂଲ୍ୟରେ ଯୋଗାଇଦେବା, ମଦ ଓ ଡ୍ରଗ୍‌ସ କାରବାର ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା, ଶିଶୁ କନ୍ୟା ଓ ମହିଳାଙ୍କ ଉପରେ କ୍ରମବର୍ଦ୍ଧମାନ ହିଂସା ଓ ଯୌନ ନୀପିଡନ ବନ୍ଦ କରିବା ଆଦି ଦାବିରେ ଏଆଇଡିଓ୍ୱାଇଓ ଅନୁଗୁଳ ଜିଲ୍ଲା କମିଟି ଉଦ୍ୟୋଗରେ ଆଜି ପୂର୍ବାହ୍ନରେ ଅନୁଗୁଳ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମାସହ ବିକ୍ଷୋଭସ୍ଥଳରେ ପହଞ୍ଚିଥିଲେ। ସଂଗଠନର ଜିଲ୍ଲା ସଂପାଦକ କୈଳାସ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଡି.ଓ୍ୱାଇ.ଓ. ରାଜ୍ୟ ସଭାପତି ମାନସ ପାଳ, ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ଭରତ ନାଏକ, ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଡବଲ ଇଞ୍ଜିନ୍ ସରକାର, କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରିବା ସହିତ ଅନୁଗୁଳ ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଖଣି, କାରଖାନାଗୁଡିକରେ କ୍ଷତିଗ୍ରସ୍ତ




ଓ ବିସ୍ଥାପିତ ପରିବାର ସମେତ ଜିଲ୍ଲାର ବେକାର ଯୁବକ-ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ପରେ ବିକ୍ଷୋଭ ଶେଷ ହୋଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଦୁଃଖବନ୍ଧୁ ବେହେରା, ଲମ୍ବୋଦର ପଣ୍ଡା, ଆଶିଶ ସାହୁ, ସୋରେନ୍ ସାହୁ, ସତ୍ୟରଞ୍ଜନ ସାହୁ, ଅରୁଣ ସାହୁ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

# ରାଉରକେଲାଠାରେ ଶ୍ରମିକ ବିକ୍ଷୋଭ




କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର ସର୍ବଭାରତୀୟ କମିଟି ଡ଼ାକରାରେ ଦେଶର ଶ୍ରମଜୀବୀ ଜନଗଣଙ୍କର ବିଭିନ୍ନ ଜ୍ୱଳନ୍ତ ଦାବିନେଇ ୧୧-୧୭ ଫେବୃୟାରୀ ୨୦୨୫ ଦେଶବ୍ୟାପୀ ଦାବି ସପ୍ତାହ ପାଳନ ପରିପ୍ରେକ୍ଷୀରେ ଏଆଇୟୁଟିୟୁସି ସୁନ୍ଦରଗଡ଼ ଜିଲ୍ଲା କମିଟି ତରଫରୁ ୧୭ ଫେବୃୟାରୀରେ ରାଉରକେଲା ଉଦିତନଗର ସ୍ଥିତ ଆମ୍ବେଦକର ଛକରେ ଶ୍ରମିକ ବିକ୍ଷୋଭ ଓ ଉପ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ୟୁନିୟନର ସୁନ୍ଦରଗଡ ଜିଲ୍ଲା କମିଟି ସଭାପତି ଓ ବରିଷ୍ଠ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ୟୁନିୟନର ଅଫିସ ସମ୍ପାଦକ ଶ୍ରୀନିବାସ ସେଠୀ, ସମ୍ପାଦକ ବିଷ୍ଣୁ ପଣ୍ଡା, ଉପ ସଭାପତି ଲେଲିନ ଟେଟେ, କ୍ଷେତ୍ରବାସୀ ସେଠୀ, ଅନିଲ କୁଜୁର, ବିରେନ ନାଏକ, ଗୁରୁମୋହନ ସିଂ, ଆଲୋକ ବେହେରା, ସୁବାସ ଦଣ୍ଡପାଟ, ନୃପମଣି ମାଝୀ, ଶରତଚନ୍ଦ୍ର ମୁଣ୍ଡାରୀ, ପ୍ରଭାତ ମହାପାତ୍ର ପ୍ରମୁଖ ୟୁନିୟନର ନେତା ଓ କର୍ମକର୍ତ୍ତାଙ୍କ ସମେତ ବହୁ ଶ୍ରମିକ କର୍ମଚାରୀ ଏହି ବିକ୍ଷୋଭରେ ଯୋଗଦାନ କରିଥିଲେ।

# ବଲାଙ୍ଗୀରରେ ପାଚିକା ସହାୟିକା କନଭେନସନ



ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପର୍ଯ୍ୟନ୍ତ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଦେବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ,ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଆଦି ଦାବିରେ ବଲାଙ୍ଗୀର ବ୍ଲକ ସ୍ତରିୟ ପାଚିକା-ସହାୟିକା କନଭେନସନ ସ୍ଥାନୀୟ ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଏହି କନଭେନସନରେ ସ୍କୀମ ଓ୍ୱାର୍କର ଫେଡେରେଶନର ସର୍ବଭାରତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ମନ୍ଦୋଦରି ରାଉଳଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ AIUTUCର ରାଜ୍ୟ କମିଟି ସଭ୍ୟ କମ୍ରେଡ୍ସ ବିଜୟ ସାହୁ ଯୋଗ ଦେଇଥିଲେ। ଏସ୍‌ୟୁସିଆଇ(ସି) ଜିଲ୍ଲା ସାଙ୍ଗଠନିକ କମିଟି ସମ୍ପାଦକ କମ୍ରେଡ୍ ସୁନୀଲ କୁମାର ଭୋଇ, ବଲାଙ୍ଗୀର ବ୍ଲକ ସଭାନେତ୍ରୀ ମିନା ରାଉତ, ସମ୍ପାଦିକା ରୀନା ମଲ୍ଲିକ ବକ୍ତବ୍ୟ ରଖିଥିଲେ ଆସନ୍ତା ମାର୍ଚ୍ଚ ୬ ତାରିଖ ଦିନ ଡ଼ିଇଓ କାର୍ଯ୍ୟାଳୟ ସମ୍ମଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଏହି କନଭେନସନରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ପାଚିକା ଓ ସହାୟିକା ଯୋଗ ଦେଇଥିଲେ।

# ଖୋର୍ଦ୍ଧାରେ ବସ୍ତି ବିକାଶ ସଙ୍ଗଠନର ସଭା



ମାର୍ଚ୍ଚ ୧ ତାରିଖରେ ସମୟରେ ଖୋର୍ଦ୍ଧା ଗାନ୍ଧୀ ପଡିଆ କ୍ଲବ ଠାରେ ବସ୍ତି ବିକାଶ ସଂଗଠନର କର୍ମକର୍ତ୍ତା ମାନେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ତିନୋଟି ଦାବି ଉପରେ ଏହି ବୈଠକ ରେ ଆଲୋଚନା ହୋଇଥିଲା। ଜମି ପଟ୍ଟା ପାଇନଥିବା ବସ୍ତି ବାସିନ୍ଦାଙ୍କୁ ଘର ପଟ୍ଟା ଯୋଗାଇଦେବା, ପାଇଥିବା ପଟ୍ଟାକୁ ହିତାଧୀକାରୀ ମାନଙ୍କ ନାମରେ ରେକର୍ଡଭୁକ୍ତ କରିବା, ସମସ୍ତଙ୍କୁ ଘର ଯୋଗାଇ ଦେବା ପାଇଁ ବୈଠକରେ ଦାବି କରଯାଇଥିଲା। ଏହି ତିନି ଦଫା ଦାବିରେ ଆସନ୍ତା ମାର୍ଚ୍ଚ ୧୨ ତାରିଖ ଦିନ ଖୋର୍ଦ୍ଧା ମୁନିସିପାଲଟି ଅଫିସ ସମ୍ମୁଖରେ ଆନ୍ଦୋଳନ କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସଂଗଠନର ସଭାପତି ଅଶୋକ ସାହୁ,ଉପ ସଭାପତି ଜିତେନ୍ଦ୍ର ବେହେରା, ବିଜୟ ପାତ୍ର, ସଂପାଦକ କାର୍ତ୍ତିକ ଘଡେଇ, ମିଟୁ ଖାଁ, ସଂଯୁକ୍ତା ଦାସ, ବାବୁଲି ସୁଆଇଁ, ନିର୍ମଳା ସାହୁ, ଟୁକୁନା ସାହୁଙ୍କ ସମେତ ୧୫ଟି ବସ୍ତିରୁ ଶତାଧିକ ବସ୍ତି ବାସିନ୍ଦା ଯୋଗ ଦେଇ ଥିଲେ।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das